## ଅଲ୍ଲାଃ ତାଲାଙ୍କ ବାଣୀ

لَقَدۡ کَفَرَ الَّذِیۡنَ قَالُوۡۤا اِنَّ اللّٰہَ ہُوَ الۡمَسِیۡحُ ابۡنُ
مَرۡیَمَ ؕ قُلۡ فَمَنۡ یَّمۡلِکُ مِنَ اللّٰہِ شَیۡئًا اِنۡ اَرَادَ
اَنۡ یُّہۡلِکَ الۡمَسِیۡحَ ابۡنَ مَرۡیَمَ وَ اُمَّہٗ وَ مَنۡ فِی
الۡاَرۡضِ جَمِیۡعًا (سورۃ المائدہ:18)

ଅନୁବାଦ- ଯେଉଁମାନେ କହନ୍ତି ଯେ ଅଲ୍ଲାଃ ହିଁ ନିଶ୍ଚୟ ମରିୟମନନ୍ଦନ ମସିହ ଅଟନ୍ତି ସେମାନେ ନିଃସନ୍ଦେହରେ ଅବିଶ୍ୱାସକାରୀ ଅଟନ୍ତି; ତୁମ୍ଭେ (ସେମାନଙ୍କୁ) କୁହ, ''ଯଦି ଅଲ୍ଲାଃ ମରିୟମନନ୍ଦନ ମସିହ ଓ ତାଙ୍କର ମାତା ଏବଂ ପୃଥିବୀରେ ଯେଉଁମାନେ ଅଛନ୍ତି ସେ ସମସ୍ତଙ୍କୁ ବିନାଶ କରିବାକୁ ଇଚ୍ଛା କରନ୍ତି, ତେବେ ତାହାଙ୍କ ବିରୁଦ୍ଧରେ କାହାର କ'ଣ ବା କ୍ଷମତା ଅଛି ? *(ଅଲ୍‌ମାଇଦା: ୧୮)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ **6**

ସଂଖ୍ୟା **23-24**

ସାପ୍ତାହିକ

# ବଦର

Weekly **BADAR** Qadian କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

10-17 ଜୁନ୍ 2021 | 10-17 ଏହ୍‌ସାନ୍ 1400 ହି.ଶ | 28 ଶୱ୍ୱାଲ୍- 06 ଜୁଲ୍‌କାଦା 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ ବାରିକ୍‌ଲନା ଫି'ଉମ୍‌ରିହି ୱ୍ ଅମ୍‌ରିହି ॥**

**ମଣିଷର ଅସ୍ତିତ୍ୱ ହେଉଛି ଅସ୍ଥାୟୀ ଏବଂ ମୃତ୍ୟୁର କିଛି ଠିକଣା ନାହିଁ ଯେ ସେ କେତେବଳେ ଆସି ପହଂଚିଯିବ । ମଣିଷର ବୟସ ହେଉଛି କ୍ଷଣଭଙ୍ଗୁର । ତେଣୁ ଏହା ଅତି ଗୁରୁତ୍ୱପୂର୍ଣ୍ଣ କଥା ଯେ ନିଜର ସଂଶୋଧନ ଓ ମଙ୍ଗଳକାମନା ନିମନ୍ତେ ଲାଗିପଡ଼ିବା ଉଚିତ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ବଟାଲାର ତହସିଲ୍‌ଦାର୍ ଲାଲା କେଶୁଦାସ ସାହେବ ସଂଯୋଗବସତଃ କାଦିଆନ୍‌ରେ ପଦାର୍ପଣ କଲେ, ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ସାକ୍ଷାତ କରିବା ପାଇଁ ପହଂଚିଲେ ଓ ଏହା କହିଲେ ଯେ ମତେ ସାଧୁସନ୍ଥମାନଙ୍କ ସହିତ ଭେଟ କରିବାପାଇଁ ପ୍ରବଳ ଆଗ୍ରହ ରହିଛି । ମୁଁ ଏହି ଆଗ୍ରହ ଯୋଗୁଁ ହିଁ ଆପଣ ଆ:ସଙ୍କ ସେବାରେ ଉପସ୍ଥିତ ହୋଇଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ:-

ନିଶ୍ଚିତ ଯଦି ଆପଣଙ୍କ ମନରେ ହୃଦୟବାନ ଲୋକମାନଙ୍କ ସହିତ ପ୍ରେମଭାବ ନଥାନ୍ତା, ତେବେ ଆପଣ ଆମ ନିକଟକୁ କାହିଁକି ଆସିଥାନ୍ତେ । ଜଣେ ସାଂସାରିକ ବ୍ୟକ୍ତିର କଣ ଆବଶ୍ୟକ ଯେ ସେ ଜଣେ ଏପରି ଲୋକ ନିକଟକୁ ଆସିବ ଯିଏ ସଂସାରଠାରୁ ଦୂରରେ ଏକାନ୍ତବାସରେ ରହୁଅଛି । ସମ୍ବନ୍ଧ ହେଉଛି ଏକ ଜରୁରୀ ଜିନିଷ । ପ୍ରକୃତ କଥା ହେଉଛି ଏହା କି ମଣିଷର ଅସ୍ତିତ୍ୱ ହେଉଛି ଅସ୍ଥାୟୀ ଏବଂ ମୃତ୍ୟୁର କିଛି ଠିକଣା ନାହିଁ ଯେ ସେ କେତେବଳେ ଆସି ପହଂଚିଯିବ । ମଣିଷର ବୟସ ହେଉଛି କ୍ଷଣଭଙ୍ଗୁର । ତେଣୁ ଏହା ଅତି ଗୁରୁତ୍ୱପୂର୍ଣ୍ଣ କଥା ଯେ ନିଜର ସଂଶୋଧନ ଓ ମଙ୍ଗଳକାମନା ନିମନ୍ତେ ଲାଗିପଡ଼ିବା ଉଚିତ । କିନ୍ତୁ ଏ ଦୁନିଆ ନିଜର କାର୍ଯ୍ୟାକଳାପରେ ଏମିତି ମାତିଯାଇଛି ଯେ ତାକୁ ଅନ୍ତିମ ଦିବସ/ପରକାଳ ବିଷୟରେ କୌଣସି ଚିନ୍ତା ହିଁ ନାହିଁ । ପରମେଶ୍ୱରଙ୍କ ପ୍ରତି ଏତେ ବେପରୂଆ ହୋଇଯାଇଛନ୍ତି, ଯେମିତି ତାହାର କୌଣସି ଅସ୍ତିତ୍ୱ ହିଁ ନାହିଁ । ଏହିଭଳି ପରିସ୍ଥିତିରେ ଯେଉଁଠି ଦୁନିଆର ବିଶ୍ୱାସର ଅବସ୍ଥା ଏତେ ମାତ୍ରାରେ ଦୂର୍ବଳ ହୋଇପଡ଼ିଛି ସେଠାରେ ଈଶ୍ୱର ମତେ ମାମୁର (ଅର୍ଥାତ ସୁଧାରକ ଓ ପଥପ୍ରଦର୍ଶକ) କରି ପଠାଇଛନ୍ତି ଯଦ୍ୱାରା ମୁଁ ଜୀବନ୍ତ ଈଶ୍ୱରଙ୍କ ଉପରେ ଜୀବନ୍ତ ବିଶ୍ୱାସ ଜନ୍ମାଇବାର ମାର୍ଗ ବତାଇବି । ଏପରି କରିବା ଈଶ୍ୱରଙ୍କର ଚିରାଚରିତ ନିୟମ ଅଟେ । ଅନେକ ଲୋକେ ଯେଉଁମାନେ ସୌଭାଗ୍ୟ ଓ ସୁପଥର ଅଂଶୀଦାର ନଥିଲେ, ଈଶ୍ୱର ଭୟ ଓ ନ୍ୟାୟରୁ ବଂଚିତ ଥିଲେ, ସେମାନେ ମତେ ମିଥ୍ୟାଚାରୀ ରୂପେ ଅଭିହିତ କଲେ ଓ ପ୍ରତ୍ୟେକ କ୍ଷେତ୍ରରେ ମତେ ଦୁଃଖ ଓ ଯନ୍ତ୍ରଣା ଦେବା ପାଇଁ ଚେଷ୍ଟା କଲେ । କୁଫ୍‌ର (ଅର୍ଥାତ ଅବିଶ୍ୱାସୀ ହେବାର) ଫତୱ୍ୱା ଜାରି କରି ମୁସଲମାନମାନଙ୍କୁ ବିଭ୍ରାନ୍ତ କରିବାକୁ ଚାହିଁଲେ ଏବଂ ଘଟଣା ବିରୋଧି ପ୍ରସଙ୍ଗକୁ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରି ସରକାରଙ୍କୁ ଉତେଜିତ କରିବାପାଇଁ ଚେଷ୍ଟା କଲେ । ମିଥ୍ୟା ମୋକଦ୍ଦମା କଲେ । ଗାଳିଗୁଲଜ କଲେ । ହତ୍ୟା କରିବାପାଇଁ ଷଡ଼ଯନ୍ତ୍ର କଲେ । ଅତଃ ଏପରି କେଉଁ କଥା ଥିଲା ଯାହା ସେମାନେ କରିନାହାନ୍ତି । କିନ୍ତୁ ମୋ ଈଶ୍ୱର ସର୍ବଦା ମୋ ସାଥିରେ ଅଛନ୍ତି । ସେ ମତେ ସେମାନଙ୍କର ପ୍ରତ୍ୟେକ ଦୁଷ୍କାମି ପୂର୍ବରୁ ସେମାନଙ୍କର ବିଭ୍ରାଟ ଓ ତାହାର ଫଳାଫଳ ବିଷୟରେ ଖବର ଦେଲେ । ପରିଶେଷରେ ତାହା ହିଁ ହେଲା, ଯାହା ସମ୍ବନ୍ଧରେ ସେ ମତେ କିଛି ଦିନ ପୂର୍ବରୁ ବତାଇ ଦେଇଥିଲେ । ଅପରପକ୍ଷରେ ଏପରି କିଛି ଲୋକ ମଧ୍ୟ ଅଛନ୍ତି, ଯେଉଁମାନଙ୍କୁ ଅଲ୍ଲାଃ ତାଲା ସୌଭାଗ୍ୟ, ଈଶ୍ୱରଭୟ ଏବଂ ନୂରେ ଇମାନ୍ (ଅର୍ଥାତ ବିଶ୍ୱାସରୂପକ ଜ୍ୟୋତି)ର ଅଶୀଂଦାର କରିଛନ୍ତି । ଯେଉଁମାନେ ମତେ ଚିହ୍ନିଲେ ଏବଂ ସେହି (ବିଶ୍ୱାସର) ଜ୍ୟୋତିକୁ ନେବାପାଇଁ ମୋ ଚତୁଃପାର୍ଶ୍ୱରେ ଏକାଠି ହୋଇଗଲେ, ଯେଉଁ ଜ୍ଞାନ ଓ ତତ୍ୱକୁ ଈଶ୍ୱର ମତେ ପ୍ରଦାନ କରିଛନ୍ତି । ସେହି ଲୋକମାନଙ୍କ ମଧ୍ୟରେ ବଡ଼ ବଡ଼ ଜ୍ଞାନୀ ଅଛନ୍ତି, ଗ୍ରାଜୁଏଟ୍ ଅଛନ୍ତି, ଓକିଲ ଓ ଡ଼ାକ୍ତର ଅଛନ୍ତି, ବିଶିଷ୍ଟ ସରକାରୀ ଅଧିକାରୀ ଅଛନ୍ତି, ବ୍ୟବସାୟୀ ଓ ଜମିଦାର ଅଛନ୍ତି ଏବଂ ସାଧାରଣ ଲୋକମାନେ ମଧ୍ୟ ଅଛନ୍ତି ।

ଅତ୍ୟନ୍ତ ଦୁଃଖର ବିଷୟ ହେଉଛି ଏହା କି ଅଯୋଗ୍ୟ ବିରୋଧିମାନେ ଏତିକି ମଧ୍ୟ କରୁନାହାନ୍ତି ଯେ, ଆମେ ଯେଉଁ ସତ୍ୟକୁ ଉପସ୍ଥାପନ କରୁଅଛୁ, ତାକୁ ସହଜରେ ଶୁଣି ହିଁ ନିଅନ୍ତେ । ସେମାନଙ୍କ ମଧ୍ୟରେ ଏପରି ନୈତିକ ଗୁଣ କାହୁଁ ଆସିବ ? ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୯୯-୩୦୦ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

**ଯେଉଁ ଲୋକମାନେ ସଂସାରପ୍ରାପ୍ତ କରିବାର ସନ୍ଧାନରେ ହିଁ ରହିଥାନ୍ତି ସେମାନଙ୍କୁ ଯେତେମାତ୍ରାରେ ଉନ୍ନତି ମିଳିଥାଏ, ସେତେ ମାତ୍ରାରେ ସେମାନଙ୍କର ଇର୍ଷାଭାବ ବଢ଼ିଚାଲିଥାଏ କିନ୍ତୁ ଯିଏ ଈଶ୍ୱରଙ୍କ ଆଡ଼କୁ ଯାଇଥାଏ ଓ ଯେତେମାତ୍ରାରେ ତାହାଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିଥାଏ ସେତେମାତ୍ରାରେ ତା ହୃଦୟର ଶାନ୍ତି ବଢ଼ିଚାଲିଥାଏ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ରାଆଦ୍ ର ଆୟତ ନଂ-୨୯ **ୱ୍‌ଲ୍‌ଲଜିନା ଆମନୁ ୱ୍ ତତ୍‌ମଇନ୍ନୁ କୁଲୁବୁହୁମ୍ ବିଜିକ୍‌ରିଲ୍ଲାହି-ଆଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନୁଲ୍ କୁଲୁବ୍** ର ବ୍ୟାଖ୍ୟା କରି କହିଛନ୍ତି:

ଲୋକମାନେ ଧନସମ୍ପତି ଅର୍ଜନ କରୁଛନ୍ତି, ଶାସନ କରୁଛନ୍ତି, ସେମାନଙ୍କର ଭଲ ସନ୍ତାନ ଅଛନ୍ତି, ବ୍ୟବସାୟ କରି ଲାଭବାନ ହେଉଛନ୍ତି, କୃଷିକ୍ଷେତ୍ରରେ ଲାଭବାନ ହେଉଛନ୍ତି ଏବଂ ଜ୍ଞାନରେ ସିଦ୍ଧତା ହାସଲ କରୁଛନ୍ତି ଅତଃ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି କରୁଛନ୍ତି ତଥାପି ସେମାନଙ୍କର ମନ ସନ୍ତୁଷ୍ଟ ହେଉନାହିଁ । ଗୋଟିଏ ଇଚ୍ଛା ପୂରଣ ହେଉଛି ତ ଆଉ ଦୁଇଟି ଯନ୍ତ୍ରଣାଦାୟକ ମନୋବାଞ୍ଛା ହୃଦୟରେ ସୃଷ୍ଟି ହୋଇଯାଉଅଛି ଏବଂ ସଦାସର୍ବଦା ମନ ଭିତରେ ଏ ଅନୁଭବ ଲାଗି ରହିଥାଏ ଯେ ସତେ ଯେମିତି ସେ ଚାହୁଁଥିବା ପ୍ରକୃତ ଜିନିଷଟି ଏ ପର୍ଯ୍ୟନ୍ତ ମିଳିନାହିଁ । ଯେଉଁ ଭଳି ଗୋଟିଏ ଶିଶୁ ଯାହାର ମାଆ ତା'ଠାରୁ ଅଲଗା ହୋଇଯାଇଥିବ, ସେ କେବେ କାହା ଛାତିରେ ଲାଗିଲାଣି ତ ଆଉ କେବେ ଅନ୍ୟ କାହା ଛାତିରେ କିନ୍ତୁ ଏହା ସତ୍ୱେ ମଧ୍ୟ ତାକୁ କେଉଁଠି ଶାନ୍ତି ମିଳିନଥାଏ ।

## ନବୀ ସ:ଆ:ସଙ୍କ ବାଣୀ

**ହବଶା ଦେଶର ସମ୍ରାଟ ନଜାଶିଙ୍କ ମୃତ୍ୟୁର ଖବର ସେହିଦିନ ଅଲ୍ଲାଃ ତାଲା ଐଶିବାଣୀ ଜରିଆରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ଦେଇଥିଲେ ଓ ମହାଭାଗ ସ:ଆ:ସ ତାଙ୍କର ନମାଜ ଯନାଜାଃ ଗାଏବ୍ ପଢ଼ାଇଲେ ।**

(୧୩୧୮) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ନିଜର ସାହାବାମାନଙ୍କୁ ନଜାଶି ର:ଅଙ୍କ ଦେହାନ୍ତ ହୋଇଯିବାର ଖବର ଦେଲେ । ତା'ପରେ ମହାଭାଗ ସ:ଆ:ସ ଆଗକୁ ବଢ଼ିଲେ ଓ ସେମାନେ (ଅର୍ଥାତ ସାହାବାମାନେ) ଆପଣ ସ:ଆ:ସଙ୍କ ପଛରେ ଧାଡ଼ି ବାନ୍ଧି ଛିଡ଼ା ହୋଇଗଲେ । ପୁଣି ମହାଭାଗ ସ:ଆ:ସ ଚାରିଥର ତକ୍‌ବୀର୍ କହିଲେ ।

(୧୩୨୭) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଆମକୁ ହବ୍‌ଶିମାନଙ୍କ ସମ୍ରାଟ ନଜାଶି ର:ଅଙ୍କର ଦେହାନ୍ତ ହୋଇଯିବାର ଖବର ସେହି ଦିନ ଦେଲେ ଯେଉଁଦିନ ସେ ମୃତ୍ୟୁ ବରଣ କରିଥିଲେ । ମହାଭାଗ ସ:ଆ:ସ କହିଲେ: ନିଜ ଭାଇଙ୍କ ନିମନ୍ତେ ଦୁଆଏ ମଗ୍‌ଫିରତ୍ (ଅର୍ଥାତ କ୍ଷମା ପ୍ରାର୍ଥନା)କର ।

ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବେଦିନ୍ ୱ୍ଲିଅଲ୍ଲାଃ ଶାହ୍ ର:ଅ କହିଛନ୍ତି: ନଜାଶିଙ୍କ ଯନାଜାଃ ବାସ୍ତବରେ ସେହି ଜ୍ଞାନର ଆଧାରରେ ପଢ଼ାଯାଇଥିଲା ଯାହା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ଐଶିବାଣୀ ଦ୍ୱାରା ଜଣାଇ ଦିଆଯାଇଥିଲା ଯେ ସେ ନିଜ ଇମାନ୍ (ଅର୍ଥାତ ବିଶ୍ୱାସ)ରେ ସଚ୍ଚୋଟ ଏବଂ ନିଷ୍ଠାବାନ ଥିଲେ । ଅଲ୍ଲାଃ ତାଲାଙ୍କ ତରଫରୁ ତାଙ୍କ ଦେହାନ୍ତର ଖବର ଦିଆଯିବା, ବିଷୟରୁ ଏହାର ଅର୍ଥ ବୁଝାପଡୁଛି, ଯାହାର ସତ୍ୟତା ଆଁ ହଜ୍‌ରତ୍ ସ:ଆ:ସଙ୍କ କାର୍ଯ୍ୟରୁ ପ୍ରମାଣିତ ହୋଇଛି । ଅର୍ଥାତ ମହାଭାଗ ସ:ଆ:ସ ତାଙ୍କର ଯନାଜାଃ ପଢ଼ିଲେ । ଏହା ଏକ ବିଶେଷ ବ୍ୟବହାର ଯାହା ଈଶ୍ୱରଙ୍କ ଇଚ୍ଛା ଦ୍ୱାରା କରାଯାଇଥିଲା

**(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯନାଇଜ୍,........ ମୁଦ୍ରଣ ୨୦୦୬ କାଦିଆନ୍)**

କାରଣ ସେ ଯାହା ଖୋଜୁଛି, ତାହା ସେ ପାଉନାହିଁ। ଅର୍ଥାତ ସେ ତା'ର ପ୍ରକୃତ ମାଆକୁ ପାଉନାହିଁ। ସେହିଭଳି ସାଂସାରିକ କ୍ଷେତ୍ରରେ ଅଗ୍ରଗତି କରୁଥିବା ଲୋକମାନଙ୍କର ଅବସ୍ଥା ହୋଇଥାଏ। ହଦିସ୍‌ରେ ଆସୁଛି ଯେ ଗୋଟିଏ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଏପରି ଜଣେ ମହିଳାକୁ ଦେଖିବାକୁ ପାଇଲେ, ଯାହାର ପିଲା ହଜିଯାଇଥିଲା। ସେ ଯେଉଁ ପିଲାକୁ ଦେଖୁଥାଏ ତାକୁ ନିଜ ଛାତିରେ ଲଗାଉଥାଏ, ସ୍ନେହ କରୁଥାଏ ପୁଣି ତାକୁ ଛାଡ଼ି ଆଗକୁ ଚାଲିଯାଉଥିଲା। ପରିଶେଷରେ ତାକୁ ତା ପିଲା ମିଳିଗଲା ଓ ସେ ତାକୁ ଧରି ଶାନ୍ତିରେ ବସିପଡ଼ିଇଲା। ହଜୁର ସ:ଆ:ସ ସେଥିପ୍ରତି ସାହାବାମାନଙ୍କର ଧ୍ୟାନ ଆକର୍ଷଣ କରାଇ କହିଲେ ଯେ ଯେମିତି ସେହି ମହିଳାଙ୍କୁ ନିଜ ପିଲାଟି ମିଳିଯିବା ଯୋଗୁଁ ଖୁସି ଅନୁଭବ ହେଲା, ତା'ଠାରୁ ଅନେକଗୁଣା ଖୁସି ଅଲ୍ଲାଃ ତାଲାଙ୍କୁ ହୋଇଥାଏ, ଯେତେବେଳେ ତାହାର ପାପୀ ଭକ୍ତ ତା' ନିକଟକୁ (କ୍ଷମା ପ୍ରାର୍ଥନା) କରି ଆସିଥାଏ। ନବୀ କରିମ୍ ସ:ଆ:ସ ଏହି ଘଟଣାର ଆଉ ଏକ ଶିକ୍ଷଣୀୟ ଦିଗ ବର୍ଣ୍ଣନା କରିଛନ୍ତି କିନ୍ତୁ ଯେଉଁ ଘଟଣାକୁ ଉପସ୍ଥାପନ କରିବାରେ ମୋର ଯେଉଁ ଉଦ୍ଦେଶ୍ୟ ଥିଲା, ତାହା ହେଉଛି ଏହାକି ସେହି ମହିଳା ଜଣକ କେତେ ଚିନ୍ତିତ ଥିଲେ, ଯେ ପର୍ଯ୍ୟନ୍ତ ତାଙ୍କୁ ତାହାର ଅସଲ ଉଦ୍ଦେଶ୍ୟ ମିଳିନଥିଲା। କିନ୍ତୁ ଯେବେ ତା'ର ଉଦ୍ଦେଶ୍ୟ ତାକୁ ମିଳିଗଲା, ସେ ଶାନ୍ତି ହୋଇଗଲେ। ଏହି ଅବସ୍ଥା ପ୍ରତ୍ୟେକ ମଣିଷର ରହିଛି। ଅସଲ ଉଦ୍ଦେଶ୍ୟ ମିଳିଯିବା ମାତ୍ରେ ହିଁ ଦୁଃଖ ଓ ପୀଡ଼ା ହରଣ ହୋଇଯାଏ ଓ ପ୍ରକୃତ ଶାନ୍ତି ମିଳିଥାଏ। ଅତଃ ଯେହେତୁ ମଣିଷ ଜନ୍ମର ଅସଲ ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କୁ ସ୍ମରଣ କରିବା ଓ ତାହାଙ୍କର ସ୍ତୁତିଗାନ କରିବା। ତେଣୁ ଯେବେ ଈଶ୍ୱର ମିଳିଯାଆନ୍ତି, ସେତେବେଳେ ଆଉ କୌଣସି ବେଦନା ଓ ଦୁଃଖ ରହେନାହିଁ କେବଳ ଶାନ୍ତି ହିଁ ରହିଥାଏ। ଯେଉଁ ଲୋକମାନେ ସଂସାରପ୍ରାପ୍ତ କରିବାର ସନ୍ଧାନରେ ହିଁ ରହିଥାନ୍ତି ସେମାନଙ୍କୁ ଯେତେମାତ୍ରାରେ ଉନ୍ନତି ମିଳିଥାଏ, ସେତେ ମାତ୍ରାରେ ସେମାନଙ୍କର ଈର୍ଷାଭାବ ବଢ଼ିଚାଲିଥାଏ କିନ୍ତୁ ଯିଏ ଈଶ୍ୱରଙ୍କ ଆଡ଼କୁ ଯାଇଥାଏ ଓ ଯେତେମାତ୍ରାରେ ତାହାଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିଥାଏ ସେତେମାତ୍ରାରେ ତା ହୃଦୟର ଶାନ୍ତି ବଢ଼ିଚାଲିଥାଏ। ଏଥିରୁ ପ୍ରମାଣ ହେଉଛି ଯେ ସେ (ଅର୍ଥାତ ଈଶ୍ୱର) ନିଜ ଅସ୍ତିତ୍ୱର ସନ୍ଧାନକୁ ହିଁ ଆମ ଜୀବନର ପ୍ରକୃତ ଉଦ୍ଦେଶ୍ୟ ରୂପେ ଅଭିହିତ କରିଛି। ସୁତରାଂ ଯେବେ ସେହି ଉଦ୍ଦେଶ୍ୟ ପୂରଣ ହୋଇଯାଏ ସେତେବେଳେ ମଣିଷକୁ ଶାନ୍ତି ମିଳିଯାଏ। ଆମ ରାଜ୍ୟଗୁଡ଼ିକୁ ହିଁ ଦେଖିନିଅ ଯେ ସେମାନଙ୍କର ସୁରକ୍ଷା ଦାୟିତ୍ୱ ସରକାରଙ୍କର ଥିବା ସତ୍ତ୍ୱେ ମଧ୍ୟ କିଛି ସମ୍ଭ୍ରାନ୍ତ ଲୋକମାନଙ୍କର ଭୟର ଅବସ୍ଥା ଏପରି ରହିଛି ଯେ ବିଲାତରୁ ପାଣି ବନ୍ଦ ହୋଇ ଆସୁଛି ଓ ସେମାନଙ୍କ ସମ୍ମୁଖରେ ତାହା ଖୋଲାଯାଉଛି। ପୁଣି ବି ପ୍ରଥମେ ଅନ୍ୟକୁ ତାହା ପିଇବା ପାଇଁ ଦିଆଯାଇଥାଏ, ତା'ପରେ ରାଜା ସାହେବ ପିଇଥାନ୍ତି। ସେହିପରି ତାଙ୍କର ଖାଦ୍ୟ ମଧ୍ୟ ହଜାର ସତର୍କତାର ସହିତ ପରଶା ଯାଇଥାଏ। ସର୍ବପ୍ରଥମେ ସେହି ଖାଦ୍ୟକୁ ରନ୍ଧନ କରିଥିବା ଲୋକକୁ ଖାଇବାକୁ ଦିଆଯାଏ, ତା'ପରେ ତାକୁ ଡ଼ାକ୍ତର ଖାଇଥାନ୍ତି। ପୁଣି ତାଙ୍କ ସମ୍ମୁଖରେ ସେହି ଖାଦ୍ୟକୁ ପରଶା ଯାଇଥାଏ। ଅର୍ଥାତ ପ୍ରତିକ୍ଷଣ ବିପଦ ରହିଛି ତେଣୁ ଏପରି ସତର୍କତା ଅବଲମ୍ବନ କରାଯାଏ। ପ୍ରତିକ୍ଷଣ ଚିନ୍ତା ଘାରୁଥାଏ। କିନ୍ତୁ ଆମ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖ ଯେ ଚାରିଆଡ଼େ ଶତ୍ରୁ ହିଁ ଶତ୍ରୁ ଅଛନ୍ତି କିନ୍ତୁ କୌଣସି ବିପଦ ନାହିଁ। ସନ୍ତୁଷ୍ଟି ଓ ଆତ୍ମସନ୍ତୋଷ ରହିଛି। ଶତ୍ରୁ ଯଦି ମଧ୍ୟ ଖାଇବାକୁ ନିମନ୍ତ୍ରଣ ଦେଉଛି ତା ହେଲେ ସୁଧା ବିନା କୌଣସି ଦ୍ୱିଧାରେ ଚାଲିଯାଉଛନ୍ତି। ଥରେ ଜଣେ ଇହୁଦୀ ମହିଳା ଖାଦ୍ୟରେ ବିଷ ଦେଇ ଦେଇଥିଲା କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅଲ୍ଲାଃ ତାଲାଙ୍କ ଐଶିବାଣୀ ଦ୍ୱାରା ମହାଭାଗ ସ:ଆ:ସଙ୍କୁ ଏକଥା ଜଣାପଡ଼ିଗଲା ଫଳତଃ ଆପଣ ସ:ଆ:ସ ସେଥିରୁ ସୁରକ୍ଷିତ ରହିଲେ। ଆପଣ ସ:ଆ:ସ ଏତେ ସନ୍ତୁଷ୍ଟ କାହିଁକି ଥିଲେ? ତାହା ଏଥିପାଇଁ ଯେ ଆପଣ ଏପରି ଏକ ଅସ୍ତିତ୍ୱ ସହିତ ସମ୍ପର୍କ ଯୋଡ଼ିଥିଲେ ଯିଏ ଅଦୃଶ୍ୟ କଥାକୁ ଜାଣେ ଏବଂ ତା ସହିତ ଯେବେ କାହାର ସମ୍ପର୍କ ସ୍ଥାପନ ହୋଇଯାଏ, ତେବେ ସେ ନିଜର ଏହି ଅଦୃଶ୍ୟତାରୁ ତା' ଭକ୍ତଙ୍କୁ ଅଂଶୀଦାର କରିଥାଏ। ଅତଏବ ତାହା ସହିତ ସମ୍ପର୍କ ରଖିଥିବା ବ୍ୟକ୍ତି ସନ୍ତୁଷ୍ଟ ରହିଥାଏ।

***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ- ୪୧୬-୪୧୭......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅସୁବିଧା ତ ସମାଧାନ ହୋଇପାରିବନାହିଁ। କିନ୍ତୁ ଆମେ ଆପଣମାନଙ୍କୁ ନିଶ୍ଚିତ ରୂପେ ସାହାଯ୍ୟ କରିବୁ।

### ମେମ୍ବର ଅଫ୍ ପାର୍ଲିଆମେଂଟର ସଦସ୍ୟମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ବୋଧନ

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୭:୪୦ ମିନିଟରେ ଉପସ୍ଥିତ ଅତିଥିମାନଙ୍କୁ ଇଂରାଜୀ ଭାଷାରେ ସମ୍ବୋଧନ କଲେ। ସେହି ଅଭିଭାଷଣର ଉର୍ଦ୍ଦୁ ଭାବାର୍ଥ ଉପସ୍ଥାପନ କରାଯାଉଅଛି।

ଉପସ୍ଥିତ ସମସ୍ତ ଅତିଥିମାନଙ୍କ ସେବାରେ ଅସ୍‌ସଲାମୋ ଆଲୈକୁମ୍ ଓ୍ୱରହମତୁଲ୍ଲାହି ଓ୍ୱ ବର୍‌କାତୁହୁ। ଅଲ୍ଲାଃ ତାଲା ଆପଣମାନଙ୍କ ଉପରେ ଶାନ୍ତି ଓ କରୁଣା ଅବତୀର୍ଣ୍ଣ କରନ୍ତୁ। ସର୍ବପ୍ରଥମେ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଅଛି ଯେ, ଆପଣମାନେ ଆମ ନିମନ୍ତ୍ରଣକୁ ଗ୍ରହଣ କଲେ ଓ ଆଜି ସନ୍ଧ୍ୟାର ଏହି ସଭାରେ ଯୋଗ ଦେଲେ। ଆଜିକାଲି ପୃଥିବୀରେ ସାଧାରଣତଃ ଓ ବିଶେଷ ରୂପେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଦେଶ ଛାଡ଼ି ଚାଲି ଆସୁଥିବା ଲୋକମାନଙ୍କ ବିଷୟରେ ବହୁତ ଚର୍ଚ୍ଚା ଚାଲିଛି ଓ ଏହି ଚର୍ଚ୍ଚାର ଅଧିକାଂଶ ଭାଗ ମୁସଲମାନମାନଙ୍କ ଚାରିପାଖେ ଘୂରି ବୁଲୁଛି। କେତେକ ରାଷ୍ଟ୍ର ଓ ସାଧାରଣ ଲୋକମାନେ ମଧ୍ୟ ସଂସ୍କୃତିର ବିଲୋପ ହୋଇଯିବା ସନ୍ଦେହରେ ଭୟଭୀତ ହେଉଛନ୍ତି ଓ ଏକଥା ଭାବୁଛନ୍ତି ଯେ, ମୁସଲମାନମାନେ ନା କେବଳ ପାଶ୍ଚାତ୍ୟ ଦେଶର ସମାଜର ଅଂଶୀଦାର ହେବାପାଇଁ ସାମର୍ଥ୍ୟ ରଖିନାହାନ୍ତି ବରଂ ଏହି ସମାଜ ପାଇଁ ସେମାନେ ବିପଦପୂର୍ଣ୍ଣ।

ଏହି ସମସ୍ୟାଗୁଡ଼ିକ ଉପରେ କଥା ହେବା ପୂର୍ବରୁ ଏହା ସ୍ପଷ୍ଟ ହେବା ଜରୁରୀ ଯେ, ''ସଭ୍ୟତା'' ର ଅସଲ ଅର୍ଥ କ'ଣ? ଏହାର ଉତରରେ ମୁଁ ଯମାତ୍ ଅହେମଦୀୟାର ଦ୍ୱିତୀୟ ଖଲିଫାଙ୍କ ଦ୍ୱାରା କରାଯାଇଥିବା ସଂଜ୍ଞା ନିରୂପଣକୁ ଉପସ୍ଥାପନ କରୁଅଛି। ସେଥିରେ ମୁଁ ନିଜେ ମଧ୍ୟ ସହମତ। ସେହି ସଂଜ୍ଞା ମୁତାବକ ସଭ୍ୟତାର ଅର୍ଥ ହେଉଛି କୌଣସି ଏକ ସମାଜର ଭୌତିକ ଉନ୍ନତି। ସାମାଜିକ ଉନ୍ନତି, ବୈଷୟିକ ଉଦ୍ଭାବନ, ଗମନାଗମନର ସୁବିଧା, ଯୋଗାଯୋଗର ମାଧ୍ୟମ ଏବଂ ଜ୍ଞାନର ବିକାଶ ହେଉଛି ତାହାର ମାଧ୍ୟମ। ଏହିସବୁ ଜିନିଷ ଦ୍ୱାରା କୌଣସି ଜାତିର ସଭ୍ୟତାରେ କେତେ ଉନ୍ନତି ହୋଇଛି ତାହା ଜଣାପଡ଼ିଥାଏ। ତତ୍‌ସହିତ ସୈନ୍ୟଶକ୍ତି ତଥା କାନୁନ ବା ଅନ୍ୟ କୌଣସି ମାଧ୍ୟମରେ ଶାନ୍ତି ସୌହାର୍ଦ୍ଦ୍ୟ ସ୍ଥାପନ କରିବା ନିମନ୍ତେ ଉଠାଯାଇଥିବା ପଦକ୍ଷେପ ମଧ୍ୟ ସଭ୍ୟତାର ଉନ୍ନତୀର ମାନକ ହୋଇଥାଏ।

ଜାତିର ସଭ୍ୟତା ବ୍ୟତିତ ତାହାର ସଂସ୍କୃତି ମଧ୍ୟ ରହିଛି। ଓ ତାହା କୌଣସି ଏକ ଜାତିର ସଦସ୍ୟମାନଙ୍କର ଦୃଷ୍ଟିକୋଣ, ସାମାଜିକ ସମସ୍ୟା ସମ୍ବନ୍ଧିତ ସେମାନଙ୍କର ଆଚରଣ ଏବଂ ସେମାନଙ୍କର କ୍ରୀୟା ଓ ପ୍ରତିକ୍ରିୟାର ସ୍ୱରୁପ ହୋଇଥାଏ। ସଂସ୍କୃତିର ଆଧାର ଭୌତିକ ଉନ୍ନତି ପରିବର୍ତେ କୌଣସି ଏକ ଜାତିର ଚରିତ୍ର, ନୈତିକ ଗୁଣ, ଧାର୍ମିକ କାର୍ଯ୍ୟ ଓ ପ୍ରଚଳନ ଉପରେ ହୋଇଥାଏ।

ଅତଏବ ଯେଉଁଠି ସଭ୍ୟତା ଭୌତିକ, ବୈଷୟିକ ଏବଂ ଜ୍ଞାନର ଉନ୍ନତୀର ନାମ ସେଠି ସଂସ୍କୃତି ହେଉଛି ଧାର୍ମିକ, ଚାରିତ୍ରିକ ଓ ଚିନ୍ତା ଓ ଚେତନାର ପରିପ୍ରକାଶର ନାମ। ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଥିବା ଏହି ପ୍ରଭେଦକୁ ଖ୍ରୀଷ୍ଟିଆନ୍‌ମାନଙ୍କ ପ୍ରାରମ୍ଭିକ ଇତିହାସରୁ ବୁଝାଯାଇପାରେ। ସେ ଯୁଗରେ ରୋମ୍‌ର ସାମ୍ରାଜ୍ୟ ନିଜ ଶକ୍ତିର ଚରମସୀମାରେ ଥିଲା ବରଂ ଆଜି ମଧ୍ୟ ପୃଥିବୀ ଇତିହାସର ମହାନ୍ ସଭ୍ୟତାମାନଙ୍କ ମଧ୍ୟରେ ତାହା ଗଣନା ହୋଇଥାଏ। ନିଜର ଭୌତିକ ଉନ୍ନତି ନାଗରିକମାନଙ୍କ ପାଇଁ ସୁବିଧା ସୁଯୋଗ ଏବଂ ସରକାରୀ ବ୍ୟବସ୍ଥା ଅନୁସାରେ ରୋମ୍ ସାମ୍ରାଜ୍ୟକୁ ବହୁତ ସଭ୍ୟ ଓ ଶିକ୍ଷିତ ରୂପେ ସ୍ୱୀକାର କରାଯାଇଥାଏ।

ଏହି ବୈଶିଷ୍ଟ୍ୟତା ତାହାର ଚାରିତ୍ରିକ ଓ ନୈତିକ ସ୍ତରର ବରାବର ହୋଇନଥାଏ। କାରଣ ଖ୍ରୀଷ୍ଟିଆନ୍‌ମାନଙ୍କର ପ୍ରାରମ୍ଭିକ ଯୁଗରେ ସେମାନଙ୍କ ବାସିନ୍ଦାଙ୍କ ମଧ୍ୟରେ ଉନ୍ନତି କରିବାପାଇଁ ଯେଉଁ ଆଗ୍ରହ ସୃଷ୍ଟି ହୋଇଯାଇଥିଲା। ତାହା ଇସାଇ ଧର୍ମର ସିଦ୍ଧାନ୍ତ ଉପରେ ତାହାର ମାର୍ଗଦର୍ଶନ କରୁଅଛି। ଯେବେକି ରୋମିମାନଙ୍କ ପାଇଁ ସାଂସାରିକ କାନୁନ ଏବଂ ଆଇନ ଶୃଙ୍ଖଳା ତିଆରି କରାଯାଇଅଛି।

ଏହିଭଳି ତ ରୋମିମାନଙ୍କର ଧାର୍ମିକ ଉନ୍ନତି ଓ ବିକାଶ ସେମାନଙ୍କ ସଭ୍ୟତାର ପ୍ରତିଫଳିତ କରିଥାଏ ଯେବେକି, ଖ୍ରୀଷ୍ଟିଆନିଜିମ୍ ତାହାକୁ ଏକ ଉତମ ସଂସ୍କୃତି ରୂପେ ସୁସଜ୍ଜିତ କରିଥାଏ। ସମୟ ସହିତ ଖ୍ରୀଷ୍ଟିଆନିଜିମ୍ ରୋମ୍ ସାମ୍ରାଜ୍ୟର ଏକ ବଳିଷ୍ଠ ଧର୍ମ ହୋଇଗଲା ଏବଂ ଏହିଭଳି ସେମାନଙ୍କର ସଭ୍ୟତା ଖ୍ରୀଷ୍ଟିଆନ୍‌ମାନଙ୍କ ସଂସ୍କୃତିକୁ ଆପଣେଇ ନେଲା। ଏହାର ମିଳାପ ଦ୍ୱାରା ଓ ଏହାର ଭିଷଣ ପ୍ରଭାବ ଦ୍ୱାରା ଏପରି ପ୍ରଥାର ମୂଳଦୁଆ ପଡ଼ିଗଲା ଯାହା ଆଜି ମଧ୍ୟ ଧର୍ମରୁ ଦୁରେଇ ଯିବା ସତ୍ତ୍ୱେ ପାଶ୍ଚାତ୍ୟ ସମାଜର ଏକ ଅଂଶବିଶେଷ ହୋଇ ରହିଛି।

ଏବେ ଇମିଗ୍ରେସନ୍‌ର ଚର୍ଚ୍ଚା ଆଡ଼କୁ ଆସନ୍ତୁ। କିଛି ପାଶ୍ଚାତ୍ୟ ଦେଶଗୁଡ଼ିକର ସାମାଜିକ ପରିସଂଖ୍ୟାନରେ ବହୁମାତ୍ରାରେ ପରିବର୍ତନ ହୋଇଅଛି। ବହୁତ ଦେଶରୁ ଲୋକମାନେ ଦେଶ ତ୍ୟାଗ କରି ଏଠାରେ ଆସି ପହଂଚୁଛନ୍ତି କିନ୍ତୁ ଅସଲ ସଙ୍କଟ ଯୋଗୁଁ ଏହି ଦେଶଗୁଡ଼ିକରେ ମୁସଲମାନମାନେ ନିଜର ବସବାସ ଆରମ୍ଭ କରିଦେଇଛନ୍ତି। ଏହି ପାଶ୍ଚାତ୍ୟ ଦେଶଗୁଡ଼ିକର ମୂଳବାସିନ୍ଦା ମୁସଲମାନମାନଙ୍କର ଏଠାରେ ବହୁଳଭାବେ ଶରଣ ନେବା ଦ୍ୱାରା ନିଜର ଶହ ଶହ ବର୍ଷ ପୁରୁଣା ସଭ୍ୟତା, ସଂସ୍କୃତି ଏବଂ ସମ୍ମାନକୁ ବିପଦ ରହିଛି ବୋଲି ଅନୁଭବ କରୁଛନ୍ତି।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି। ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ। ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି। ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ। ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଯେବେ ହଜ୍‌ରତ୍ ଉମର୍ ବିନ୍ ଖତାବ ର:ଅ ଇସ୍‌ଲାମ୍ ଗ୍ରହଣ କଲେ, ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ନିମ୍ନରେ ଦିଆଯାଇଥିବା ଦୁଆ ପଢ଼ି ତାଙ୍କ ଛାତିରେ ତିନିଥର ହାତ ବୁଲାଇ ଆଣିଲେ । **ଅଲ୍ଲାହୁମ୍ମା ଅଖ୍‌ରିଜ୍ ମା ଫି ସଦ୍‌ରିହି ମିନ୍ ଗିଲ୍‌ଲିନ୍ ଓ୍ୱ ଅବ୍‌ଦିଲ୍‌ହୁ ଇମାନା** ଅର୍ଥାତ ହେ ଅଲ୍ଲାଃ ! ତାଙ୍କ ହୃଦୟ ମଧ୍ୟରେ ଯାହା ବି କିଛି ଦୁଷ୍କର୍ମ/ମଇଳା ଅଛି ତାହା ଦୂର କରି ଦିଅନ୍ତୁ ଓ ତାହାକୁ ବିଶ୍ୱାସରେ ପରିବର୍ତନ କରିଦିଅନ୍ତୁ । ମହାଭାଗ ସ:ଆ:ସ ଏହି ଦୁଆ ତିନିଥର ପଢ଼ିଲେ ।

ଆମର ସମସ୍ତ କାର୍ଯ୍ୟ, ଆମର ସମସ୍ତ କର୍ମ ଓ ସ୍ଥିରତା ଆମର ସେହି ଦାବିକୁ ପ୍ରତିଫଳିତ କରୁଥିବ ଯେ ଆମେ ହେଉଛ ସେହି ମସିହ୍ ମଉଦ୍ ଏବଂ ମେହେଦୀ ମାହୁଦ୍‌ଙ୍କୁ ମାନିବାବାଲା, ଯାହାଙ୍କ ସମ୍ବନ୍ଧରେ ଆକାଶରେ ଦେବଦୂତମାନେ ମଧ୍ୟ ଏକଥା କହିଥିଲେ ଯେ ଇଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସମସ୍ତଙ୍କଠାରୁ ଅଧିକ ଭଲ ପାଉଛନ୍ତି ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆମେ ସେ ପର୍ଯ୍ୟନ୍ତ ଖୋଲା ଖୋଲି ଭାବରେ ଅଲ୍ଲାଃଙ୍କ ଉପାସନା କରିନଥିଲୁ ଯେପର୍ଯ୍ୟନ୍ତ ହଜ୍‌ରତ୍ ଉମର୍ ର:ଅ ଇମାନ୍ ନ ଆଣିଥିଲେ ।

ଆଜି ରମ୍‌ଜାନ ମାସର ଶେଷ ଜୁମା, ଏହାକୁ କେବଳ ରମ୍‌ଜାନ୍‌ର ଶେଷ ଯୁମା ହିସାବରେ ଦେଖନ୍ତୁ ନାହିଁ ବରଂ ଏହି ଯୁମା ଆମ ପାଇଁ ଆସନ୍ତାକୁ ନୂଆ ନୂଆ ମାର୍ଗ ନିର୍ଦ୍ଧାରଣକାରୀ ହେଉ । ରମ୍‌ଜାନ୍ ମାସରେ ଯେଉଁ ସବୁ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରାଯାଇଅଛି ଓ ଯେଉଁ ପୂଣ୍ୟକର୍ମ ସବୁ କରିବାପାଇଁ ସୌଭାଗ୍ୟ ମିଳିଛି, ତାହା ସବୁ ରମ୍‌ଜାନ୍ ପରେ ମଧ୍ୟ ଆମକୁ ଜାରି ରଖିବା ପାଇଁ ଚେଷ୍ଟା କରିବା ଉଚିତ । ବରଂ ଏଥିରେ ଉନ୍ନତି କରିବା ଉଚିତ । ଅନ୍ୟଥା ଏହି ରମ୍‌ଜାନ୍ ଆମ ପାଇଁ ବୃଥା ହୋଇଯିବ ।

ଏହା ଆମର ଗୁରୁ ଦାୟିତ୍ୱ ଯେ ଆମେ ଆମ ଇମାନ୍‌କୁ ମଜ୍‌ଭୁତ୍ କରି ଓ ନିଜର କର୍ମ ଉପରେ ନିରନ୍ତର ନଜର ରଖି ନିଜ ବଂଶଧରମାନଙ୍କୁ ରକ୍ଷା କରିବାର ଜରିଆ ହେବା ।

ଆମର କାର୍ଯ୍ୟ ହେଉଛି ଦୁଆ କରିବା, ଦୁଆ କରି ଚାଲିବା, ରମ୍‌ଜାନ୍‌ରେ ବି ଓ ରମ୍‌ଜାନ ପରେ ବି । ଆମ ସମସ୍ତଙ୍କୁ ଅଲ୍ଲାଃ ଏହା କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

**ରବ୍‌ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବି ଫହ୍‌ଫଜ୍‌ନି ଓ୍ୱନ୍‌ସୁର୍‌ନି ଓ୍ୱର୍‌ହମ୍‌ନି** ଏବଂ **ଅଲ୍ଲାହୁମ୍ମା ଇନ୍ନା ନଜ୍‌ଆଲୁକା ଫିନୁହୁରିହିମ୍ ଓ୍ୱ ନଉଜୁବିକା ମିନ୍ ଶୁରୁରିହିମ୍** ଏହି ଦୁଆ ବହୁ ମାତ୍ରାରେ ପାଠ କରନ୍ତୁ ।

ଅହେମଦୀମାନଙ୍କୁ ଅଲ୍ଲାଃ ତାଲାଙ୍କ ସହିତ ମଜ୍‌ଭୁତ୍ ସମ୍ପର୍କ ସ୍ଥାପନ କରି ବିଶ୍ୱାସ ଓ ଆସ୍ଥାର ସ୍ତରକୁ ହାସଲ କରିବାପାଇଁ, ନମାଜ ଏବଂ ଉପାସନାକୁ ମାନକ କରିବା ପାଇଁ ପୁଣି ନିଜର ସନ୍ତାନମାନଙ୍କୁ ଅଲ୍ଲାଃ ତାଲାଙ୍କ ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରାଇବା ପାଇଁ ଉପଦେଶ ।

କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ, ପାକିସ୍ତାନ ସମେତ, ଅନ୍ୟ ଯେଉଁ ଦେଶମାନଙ୍କରେ ଯମାତ୍ ଅହେମଦୀୟାକୁ ବିରୋଧ କରାଯାଉଅଛି, ସେଠିକାର ଅହେମଦୀମାନଙ୍କ ପାଇଁ, ପ୍ରତ୍ୟେକ ପ୍ରକାରର ବିଭ୍ରାଟରୁ ବଂଚିବା ପାଇଁ, ସାଧାରଣତଃ ସମସ୍ତ ମୁସଲମାନମାନଙ୍କ ପାଇଁ ଏବଂ ମୋଟାମୋଟି ଭାବେର ସମଗ୍ର ମାନବଜାତି ପାଇଁ ଦୁଆ (ପ୍ରାର୍ଥନା) କରନ୍ତୁ ।

ପାକିସ୍ତାନର ଅହେମଦୀମାନଙ୍କୁ ବିଶେଷ ଭାବରେ ସଦ୍‌କା ଓ୍ୱ ଖୈରାତ୍ (ଅର୍ଥାତ ଦାନପୂଣ୍ୟ) ଏବଂ ଦୁଆ କରିବାପ୍ରତି ଧ୍ୟାନ ଦେବାପାଇଁ ଉପଦେଶ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍**[ଅ.ବ]
**(ପ୍ରଦତ୍: ୦୭ ମଇ ୨୦୨୧ ଅନୁଯାୟୀ ୦୭ ହିଜ୍‌ରତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପ୍ରସଙ୍ଗରେ ଚର୍ଚ୍ଚା ଚାଲିଥିଲା । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଆପଣଙ୍କ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସମ୍ପର୍କରେ କୁହନ୍ତି: ହଜ୍‌ରତ୍ ଉମର୍ ର:ଅ ବରାବର୍ ଇସ୍‌ଲାମ୍‌ର ବିରୋଧ କରିଚାଲିଥିଲେ ଅର୍ଥାତ ଯେପର୍ଯ୍ୟନ୍ତ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନଥିଲେ । ସେ ପର୍ଯ୍ୟନ୍ତ ଇସ୍‌ଲାମ୍‌ର ବିରୋଧ ପ୍ରଦର୍ଶନ କରୁଥିଲେ । ଏକଦା ତାଙ୍କ ମନରେ ଏହି କଥା ଜାତ ହେଲା ଯେ କାହିଁକି ବା ଉକ୍ତ ଧର୍ମର ସଂସ୍ଥାପକର କାମ ହିଁ ତମାମ୍ ନ କରିଦେବା (ଅର୍ଥାତ ମୁଲୁ ମାରିଲେ ଯିବ ସରି) । ଅତଏବ ସେ ହାତରେ ତରବାରୀ ନେଇ ହଜୁର ସ:ଆ:ସଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବାହାରିଗଲେ । ରାସ୍ତାରେ କେହି ଜଣେ ତାଙ୍କୁ ପଚାରିଲେ ଉମର୍ କୁଆଡ଼େ ଯାଉଛ ? ସେ ଉତର ଦେଲେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ହତ୍ୟା କରିବାକୁ ଯାଉଛି । ସେ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ଅର୍ଥାତ ଉକ୍ତ ବ୍ୟକ୍ତିଜଣକ ତାଙ୍କୁ କହିଲେ, ପ୍ରଥମେ ନିଜ ଘରର ତ ଖବର ନିଅ, ତୁମ ଭଉଣୀ ଓ ଭିଣୋଇ ମୁସଲମାନ ହୋଇଯାଇଛନ୍ତି । ଉମର୍ ତାଙ୍କୁ କହିଲେ, ଏହା ମିଛ କଥା, ସେ ପୁନଶ୍ଚ ତାଙ୍କୁ କହିଲେ ତେବେ ଯାଇ ଦେଖିନିଅ । ଅତଏବ ହଜ୍‌ରତ୍ ଉମର୍ ର:ଅ ଭଉଣୀ ଘର ଆଡ଼କୁ ବାହାରି ପଡ଼ିଲେ, ସେତେବେଳେ ତାଙ୍କ ଦ୍ୱାର ବନ୍ଦ ଥିଲା ଏବଂ ଭିତରେ ଜଣେ ସାହାବୀ କୁର୍‌ଆନ୍ ପାଠ କରୁଥିଲେ, ଆପଣ କବାଟ ଖୋଲିବାକୁ କହିଲେ, ଭିତରୁ ଆପଣଙ୍କ ଭଗିନୀ ପଚାରିଲେ, ତୁମେ କିଏ ? ସେ ଉତର ଦେଲେ ମୁଁ ହେଉଛି ଉମର । ଯେତେବେଳେ ସେମାନେ ଦେଖିଲେ ଯେ ଉମର୍ ଆସିଛନ୍ତି ଯେହେତୁ ସେମାନେ ଜାଣିଥିଲେ ଉମର୍ ଇସ୍‌ଲାମ୍‌ର ପ୍ରଚଣ୍ଡ ଶତ୍ରୁ ତେଣୁ ସେମାନେ ସେହି ପବିତ୍ର କୁର୍‌ଆନ୍‌କୁ ପାଠ କରୁଥିବ । ସାହାବିଙ୍କୁ ଘରେ ଲୁଚାଇ ଦେଲେ ଓ ସେହିପରି ପବିତ୍ର କୁର୍‌ଆନ୍‌ର ପାଣ୍ଡୁଲିପି ମଧ୍ୟ ଲୁଚାଇଦେଲେ ତା'ପରେ ଯାଇ ଦ୍ୱାର ଖୋଲିଲେ । ଉମର୍ ଗୃହ ଭିତରକୁ ପ୍ରବେଶ କଲେ ଏବଂ ପଚାରିଲେ କବାଟ ଖୋଲିବାରେ ଏତେ ବିଳମ୍ବ କାହିଁକି ଘଟିଲା । ଭଉଣୀ ଉତର ଦେଲେ ଏମିତ ଟିକିଏ ଡ଼େରି ହୋଇଗଲା ।

ହଜ୍‌ରତ୍ ଉମର୍ ର:ଅ କହିଲେ ବାସ୍ତବରେ ଏହା ସତ୍ୟ ନୁହେଁ ବରଂ ଆଉ କିଛି କାରଣ ଅଛି ସେଥିଯୋଗୁଁ ତୁମେ ଦ୍ୱାର ଖୋଲିବାରେ ବିଳମ୍ବ କଲ । ମୁଁ ଜଣେ ସାବିର କିଛି ପାଠ କରୁଥିବାର ଶୁଣିଛି । ସେ ତୁମମାନଙ୍କୁ କିଛି ଶୁଣାଇଥିଲା । (ମକ୍କାବାସୀ ମୁସଲମାନମାନଙ୍କୁ ସାବି ବୋଲି ସମ୍ବୋଧନ କରୁଥିଲେ । ମକ୍କାର ଅମାନ୍ୟକାରୀ ହଜୁର ସ:ଆ:ସଙ୍କୁ ମଧ୍ୟ ସାବି କହୁଥିଲେ) । ସେମାନେ ଅସଲ କଥା ଲୁଚାଇବାକୁ ପ୍ରୟାସ କଲେ କିନ୍ତୁ ଉମର୍ କ୍ରୋଧରେ ଉତ୍ୟକ୍ତ ହୋଇ ଭିଣୋଇକୁ ମାରିବାପାଇଁ ଅଗ୍ରସର ହେଲେ । ଆପଣଙ୍କ ଭଉଣୀ ନିଜ ସ୍ୱାମୀଙ୍କୁ ବେଶ୍ ଭଲ ପାଉଥିବା ଯୋଗୁଁ ମଝିରେ ଆସିଗଲେ । ଉମର୍ ମାରିବା ପାଇଁ ଯେଉଁ ହସ୍ତ ଉଠାଇଥିଲେ ହଠାତ୍ ରୋକି ପାରିଲେ ନାହିଁ ଏବଂ ତାଙ୍କ ହାତ ଖୁବ୍ ଜୋର୍‌ରେ ଯାଇ ନିଜ ଭଉଣୀର ନାସିକାକୁ ଆଘାତ କଲା ଯଦ୍ୱାରା ତାଙ୍କ ନାସିକାରୁ ରକ୍ତ କ୍ଷରିତ ହେଲା । ହଜ୍‌ରତ୍ ଉମର୍ ର:ଅ ଭାବ ପ୍ରବଣ ବ୍ୟକ୍ତି ଥିଲେ, ଜଣେ ଅବଳା ମହିଳା ଉପରେ ହାତ ଉଠାଇଥିବା ଦେଖି ଯାହାକି ଆରବର ପରମ୍ପରା ବିପରୀତ ଥିଲା, ପୁଣି ନିଜ ରକ୍ତର ଭଉଣୀ ଉପରେ ହାତ ଉଠାଇଛନ୍ତି ତେଣୁ ଉମର୍ କଥାକୁ ଏଡ଼ାଇ କହିଲେ, ଆଛା ମତେ ତୁମେ କୁହ ତୁମେ କଣ ପାଠ କରୁଥିଲ । ଭଉଣୀ ବୁଝିଗଲେ ଯେ, ତାଙ୍କ ଭାଇଙ୍କ ସ୍ୱଭାବରେ ନମ୍ରତା ଆସିଯାଇଛି ତେଣୁ ସେ କହିଲେ, ତୁମପରି ଲୋକଙ୍କ ହସ୍ତରେ ମୁଁ ପବିତ୍ର ବସ୍ତୁ ଦେବିନାହିଁ । ଉମର କହିଲେ, ତେବେ ମୁଁ କଣ କରିବି ? ଭଉଣୀ କହିଲେ, ଯାଅ ସମ୍ମୁଖରେ ଜଳ ରଖାଯାଇଛି ପ୍ରଥମେ ସ୍ନାନ କରି ଆସ ତେବେ ଯାଇ ମୁଁ ତୁମକୁ ସେହି ପାଣ୍ଡୁଲିପିମାନ ଦେବି । ହଜ୍‌ରତ୍ ଉମର୍ ର:ଅ ସ୍ନାନ କରି ଆସିଲେ, ତା'ପରେ ତାଙ୍କ ଭଉଣୀ ଉକ୍ତ ପବିତ୍ର କୁର୍‌ଆନ୍‌ର ପୃଷ୍ଠାମାନ ଯାହାକି ସେ ଶୁଣୁଥିଲେ, ପଢ଼ିବାକୁ ଦେଲେ । ଯେହେତୁ ଉମରଙ୍କ ଅନ୍ତରରେ ଏକ ପରିବର୍ତନ ଆସିଯାଇଥିଲା । ଫଳତଃ ଉକ୍ତ ପଂକ୍ତିମାନ ପାଠ କରିବା ମାତ୍ରେ ତାଙ୍କ ଅନ୍ତରରେ ବିନମ୍ରତାର ଭାବ ଉତ୍ପନ୍ନ ହେଲା । ଯେତେବେଳେ ସେ ତାହା ପାଠ କରିନେଲେ, ସେତେବେଳେ ଅଣାୟତ ହୋଇ ହଠାତ୍ କହି ଉଠିଲେ, **ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱ ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ ।** ଏହି ଶବ୍ଦ ଶୁଣିବାମାତ୍ରେ ସେହି ସାହାବି ଯିଏ ଘର ଭିତରେ ଲୁଚି ରହିଥିଲେ, ବାହାରକୁ ଚାଲିଆସିଲେ, ହଜ୍‌ରତ୍ ଉମର୍ ର:ଅ ପଚାରିଲେ ବର୍ତମାନ ହଜୁର ସ:ଆ:ସ କେଉଁଠାରେ ମିଳିବେ ? ସେତେବେଳେ ହଜୁର ସ:ଆ:ସ ଇସ୍‌ଲାମ୍‌ର ବିରୋଧ ଯୋଗୁଁ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରୟ ନେଉଥିଲେ । ସାହାବି ଜଣକ କହିଲେ, ଆଜିକାଲି ହଜୁର ସ:ଆ:ସ ଦାରେ ଅର୍‌କମ୍‌ରେ ଅବସ୍ଥାନ କରୁଛନ୍ତି । ହଜ୍‌ରତ୍ ଉମର୍ ର:ଅ ସଙ୍ଗେ ସଙ୍ଗେ ସେହି ସ୍ଥାନ ଆଡ଼କୁ ନିଜର ମୁକୁଳା ତରବାରୀ ଧରି ବାହାରି ପଡ଼ିଲେ । ଆପଣଙ୍କ ଭଉଣୀଙ୍କ ମନରେ ଭୀଷଣ ସନ୍ଦେହ ଉଙ୍କି ମାରିଲା ଯେ, ସମ୍ଭବତଃ ଉମର୍ କିଛି ମନ୍ଦ ଉଦ୍ଦେଶ୍ୟ ନେଇ ଯାଉଛନ୍ତି । ସୁତରାଂ ସେ ଆଗକୁ ବଢ଼ି କହିଲେ, ପ୍ରଭୁଙ୍କ ରାଣ ! ମୁଁ ସେ ପର୍ଯ୍ୟନ୍ତ ତୁମକୁ ଯିବାକୁ ଦେବିନାହିଁ ଯେପର୍ଯ୍ୟନ୍ତ ତୁମେ ମତେ ଆଶ୍ୱସ୍ତ କରିନାହଁ ଯେ ତୁମର କୌଣସି ଏଥିରେ ମନ୍ଦ ଉଦ୍ଦେଶ୍ୟ ନାହିଁ । ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ଦୃଢ଼ ସଂକଳ୍ପ କରୁଛି ମୁଁ କୌଣସି ବିଶୃଙ୍ଖଳା ସୃଷ୍ଟି କରିବିନାହିଁ । ଅତଃ ହଜ୍‌ରତ୍ ଉମର୍ ର:ଅ ସେଠାରେ ପହଂଚିଲେ, ଅର୍ଥାତ ଦାରେ ଅର୍କମ୍‌ରେ ପହଂଚିଲେ, ଯେଉଁ ସ୍ଥଳେ ହଜୁର ସ:ଆ:ସ ନିଜ ସାହାବାଙ୍କ ଗହଣରେ ବସି ପ୍ରବଚନ ଦେଉଥିଲେ । ଉମର୍ ସେହି ଦାରେ ଅର୍‌କମ୍‌ରେ ପହଂଚି ଘରର କବାଟକୁ ଖଟ୍ ଖଟ୍ କରି ଡ଼ାକିଲେ । କେହି ଜଣେ ସାହାବି ପଚାରିଲେ, ତୁମେ କିଏ ? ଉମର୍ ଉତର ଦେଲେ ମୁଁ ଉମର । ସାହାବାଜଣକ କହିଲେ, ହଜୁର ଏବେ କବାଟ ଖୋଲିବା ଠିକ୍ ହେବନାହିଁ । ଏପରି ନ ହେଉ କି ସେ କୌଣସି ବିଶୃଙ୍ଖଳା ସୃଷ୍ଟି । ସେତେବେଳେ ହଜ୍‌ରତ୍ ହମ୍‌ଜା ନୂଆ ନୂଆ ମୁସଲମାନ ହୋଇଥିଲେ ଅତଏବ ସେ ସୈନିକ ଶୈଳୀରେ କହିଲେ, କବାଟ ଖୋଲି ଦିଅ ମୁଁ ଦେଖିନେବି ସେ ଆମର କଣ ଅନିଷ୍ଟ କରିବ । ଅତଏବ ଦୁଆର ଖୋଲିଦିଆଗଲା ଉମର୍ ଆଗକୁ ବଢ଼ିବାରୁ ହଜୁର ସ:ଆ:ସ ତାଙ୍କୁ କହିଲେ, ଉମର୍ ତୁମେ କେତେଦିନ ପର୍ଯ୍ୟନ୍ତ ମୋର ବିରୁଦ୍ଧାଚରଣରେ ଆଗକୁ ବଢ଼ିଚାଲିଥିବ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଆପଣଙ୍କ ବିରୋଧ ପ୍ରଦର୍ଶନ କରିବାପାଇଁ ନୁହେଁ ବରଂ ଆପଣଙ୍କ ଦାସତ୍ୱ ସ୍ୱୀକାର କରିବାକୁ ଆସିଛି । ସେହି ଉମର୍ ଯିଏ ଘଂଟାଏ ପୂର୍ବରୁ ଇସ୍‌ଲାମ୍‌ର ପ୍ରଚଣ୍ଡ ଶତୃ ଥିଲେ ଏବଂ ହଜୁର ସ:ଆ:ସଙ୍କୁ ହତ୍ୟା କରିବାପାଇଁ ଘରୁ ସଂକଳ୍ପ କରି ବାହାରିଥିଲେ । ସେହି ଉମର୍ କ୍ଷଣକରେ ଜଣେ ଉଚ୍ଚ ପାହ୍ୟାର ବିଶ୍ୱାସକାରୀ ପାଲଟିଗଲେ । ହଜ୍‌ରତ୍ ଉମର୍ ର:ଅ ମକ୍କାର ଧନାଢ଼୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ନଥିଲେ କିନ୍ତୁ ବେଶ୍ ବଳଶାଳୀ ଓ ଲଢୁଆ ସ୍ୱଭାବ ଯୋଗୁଁ ମକ୍କାବାସୀଙ୍କ ଗହଣରେ ତାଙ୍କର ପ୍ରଭାବ ବହୁମାତ୍ରାରେ ରହିଥିଲା । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ବିଶ୍ୱାସ ଆଣିବାର ସ୍ୱୀକାରୋକ୍ତି ଆବୃତି କଲେ, ସେତେବେଳେ ସାହାବାମାନେ ଉଚ୍ଚ ସ୍ୱରରେ ତକ୍‌ବିର୍‌ର ସ୍ଲୋଗାନ ଦେଲେ । ଠିକ୍ ସେତିକି ବେଳେ ନମାଜ ପଢ଼ିବାର ସମୟ ମଧ୍ୟ ହୋଇଯାଇଥିଲା । ତେଣୁ ହଜୁର ସ:ଆ:ସ ନମାଜ ପାଠ କରିବାକୁ ଆଗକୁ ବଢ଼ିଲେ, ସେତେବେଳେ ଉମର୍ ଯିଏ ଦୁଇଘଂଟା ପୂର୍ବରୁ ହଜୁର ସ:ଆ:ସଙ୍କୁ ହତ୍ୟା କରିବାପାଇଁ ଘରୁ ବାହାରିଥିଲେ, ସେ ପୁନରାୟ ନିଜ ଖଣ୍ଡା ବାହାର କରି କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆମେ ଲୁଚି ଛପି ନମାଜ ପାଠ କରିବା ଓ ଅମାନ୍ୟକାରୀ କୁରୈଶ୍ ଦାମ୍ଭିକତା ପ୍ରଦର୍ଶନ କରିବେ, ଏହା ହୋଇପାରିବନାହିଁ । ମୁଁ ଦେଖିବି ଖାନାକାବାରେ ନାମଜ ପାଠ କରିବାରେ କିଏ ଆମକୁ ଅଟକାଇବ ? ହଜୁର ସ:ଆ:ସ କହିଲେ, ଏହି ସତ୍‌ସାହାସ ତ ଠିକ୍ ଅଛି କିନ୍ତୁ ବର୍ତମାନ ଅବସ୍ଥା ଏପରି ଯେ, ଆମକୁ ମୁକ୍ତ ଭାବରେ ନିଜ ଧର୍ମର ପରିପ୍ରକାଶ କରିବା ଠିକ୍ ହେବନାହିଁ ।

***(ତଫ୍‌ସୀର୍ କବୀର୍ ଖଣ୍ଡ-୬, ପୃ-୧୪୧-୧୪୩)***

କିନ୍ତୁ ତା'ପରେ ଖାନାକାବାରେ ନମାଜ ପାଠ କରାଗଲା ଯେପରି ପୂର୍ବେ ଚର୍ଚ୍ଚା ହୋଇଯାଇଛି । ଏକଥା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ବର୍ଣ୍ଣନା କରିଛନ୍ତି, ଯେ ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ମୁସଲମାନମାନଙ୍କ ମଧ୍ୟରେ କେବଳ ଦୁଇଜଣଙ୍କୁ ବାହାଦୁର୍ ଅର୍ଥାତ ସାହାସୀ ଓ ବୀର ରୂପେ ମଣାଯାଉଥିଲା । ଜଣେ ହମ୍‌ଜା ର:ଅ ଓ ଆଉ ଜଣେ ହଜ୍‌ରତ୍ ଉମର୍ ର:ଅ । ଯେତେବେଳେ ଦୁହେଁ ମୁସଲମାନ ହୋଇଗଲେ ସେତେବେଳେ ସେମାନେ ହଜୁର ସ:ଆ:ସଙ୍କ ନିକଟରେ ନିବେଦନ କଲେ କି ଆମେ ଏହା ପସନ୍ଦ କରୁନାହୁଁ କି ଆମେ ଘରେ ଲୁଚି ଛପି ନମାଜ ପାଠ କରିବୁ ଯେବେ କି କାବା ଉପରେ ଆମର ମଧ୍ୟ ସମାନ ଅଧିକାର ରହିଛି ତେବେ ଆମେ ନିଜ ଅଧିକାର ହାସଲ କରିବାରୁ କାହିଁ ପଛରେ ରହିବୁ ଏବଂ ସ୍ୱାଧିନ ଭାବରେ ପ୍ରଭୁଙ୍କର ଉପାସନା କାହିଁକି ନ କରିବୁ ? ଅତଏବ ହଜୁର ସ:ଆ:ସ ଯେଉଁଠି ବିଶୃଙ୍ଖଳାକାରୀ ମକ୍କାବାସୀଙ୍କ ଅପବାଦରୁ ଦୁରେଇ ରହିବା ସକାଶେ ଘରେ ନମାଜ ପାଠ କରୁଥିଲେ, ସେଠି ଆପଣ ସ:ଆ:ସ ଖାନାକାବା ଅଭିମୁଖେ ବାହାରିଲେ ଓ ସେତେବେଳେ ଆପଣ ସ:ଆ:ସଙ୍କ ଗୋଟିଏ ପାର୍ଶ୍ୱରେ ଉମର୍ ତରବାରୀ ଧରି ଚାଲୁଥିଲେ ତ ଅପରପାର୍ଶ୍ୱରେ ହଜ୍‌ରତ୍ ହମ୍‌ଜା ର:ଅ ନିଜର ତରବାରୀ ଧରି ଆଗକୁ ବଢ଼ିଚାଲିଥିଲେ । ଏପରି ଆପଣ ସ:ଆ:ସ ସର୍ବସାଧାରଣଙ୍କ ସମ୍ମୁଖରେ ଖାନାକାବାରେ ନମାଜ ପାଠ କଲେ । ଅର୍ଥାତ ହଜୁର ସ:ଆ:ସ ଖାନାକାବାରେ ସର୍ବସମ୍ମୁଖରେ ନମାଜ ପାଠ କଲେ ।

***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୩, ପୃ-୧୦)***

ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା କଥା ରାଷ୍ଟ୍ର ହୋଇଗଲା ସେତେବେଳେ କୁରୈଶ୍ ଅତ୍ୟନ୍ତ ଉତେଜିତ ହୋଇଉଠିଲେ ଏବଂ ସେମାନେ ଉମରଙ୍କ ଘରର ଘେରାଉ କଲେ, ଉମର ଘରୁ ପଦାକୁ ବାହାରିଲେ, ସେତେବେଳେ ଏକ ବିଶାଳ ଜନସମାଗମ ତାଙ୍କ ଚତୁପାର୍ଶ୍ୱରେ ରୁଣ୍ଡ ହେଲା ଏବଂ ବ୍ୟଗ୍ର ଯୁବପୀଢ଼ୀ ତାଙ୍କ ଉପରେ ବୋଧ ହୁଏ ଆକ୍ରମଣ କରିଦେବେ କିନ୍ତୁ ଉମର୍ ଅତ୍ୟନ୍ତ ସାହାସିକତାର ସହ ସେମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ଥିଲେ । ଏତିକି ବେଳେ ମକ୍କାର ଜଣେ ବଡ଼ ପ୍ରଧାନ ଆସ୍ ବିନ୍ ଓ୍ୱାଇଲ୍ ସେଠାରେ ପହଂଚିଲେ ଏବଂ ସେହି ଜନସମାଗମକୁ ଦେଖି ସେ ନିଜ ସର୍ଦ୍ଦାରୀ ଶୈଳୀରେ ପଚାରିଲା ଏଠି କଣ ଚାଲିଛି । ଲୋକେ କହିଲେ ଉମର୍ ସାବି ହୋଇଯାଇଛି । ସେ ଏହି ସୂକ୍ଷ୍ମ ପରିସ୍ଥିତିକୁ ପରଖି ନେଲେ ଏବଂ କହିଲେ, ସେ ଯାହା ହେଉ ଏଥିରେ  ଏତେ ପାଟିତୁଣ୍ଡ କରିବାର ଆବଶ୍ୟକତା କଣ ରହିଛି । ମୁଁ ଉମରଙ୍କୁ ଶରଣ ଦେଉଛି ଏକଥା ଶୁଣିବା ପରେ ଆରବୀୟ ପରମ୍ପରା ଅନୁଯାୟୀ ଲୋକମାନଙ୍କୁ ନୀରବ ହେବାକୁ ପଡ଼ିଲା ଏବଂ ସେମାନେ ଯେ ଯାହାର ବାଟ ଧରି ବାହାରିଗଲେ । ଏଥିଅନ୍ତେ ଉମର୍ କିଛି ଦିନ ଶାନ୍ତିରେ ଅତିବାହିତ କଲେ କାରଣ ଆସ୍ ବିନ୍ ଓ୍ୱାଇଲ୍‌ଙ୍କୁ ସୁରକ୍ଷା ଦେବଯୋଗୁଁ କେହି ତାଙ୍କର ଅନିଷ୍ଟ କରିବାପାଇଁ ସାହାସ କରିପାରୁନଥିଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱାଭିମାନ ତାଙ୍କୁ ଏଥିପାଇଁ ବାଧା ଦେଲା ଏବଂ ବେଶି କିଛି ଦିନ ଅତିବାହିତ ହୋଇନଥିଲା କି ସେ ଆସ୍ ବିନ୍ ଓ୍ୱାଇଲ୍‌ଙ୍କ ନିକଟକୁ ଯାଇ କହିଲେ, ମୁଁ ଆପଣଙ୍କ ଏହି ଶରଣ ପ୍ରଦାନ କରିବାର ଅନୁଗ୍ରହକୁ ଆପଣଙ୍କୁ ଫେରସ୍ତ କରୁଛି । ହଜ୍‌ରତ୍ ଉମର୍ ର:ଅ କୁହନ୍ତି: ଏଥିଅନ୍ତେ ମୁଁ ମକ୍କାର ଗଳିକନ୍ଦିରେ ସଂଘର୍ଷ ହିଁ କରୁଥିଲି ଅର୍ଥାତ ମାରିବା ଅବା ମାଡ଼ ଖାଇବାରେ ମୋର ଦିନ କଟୁଥିଲା କିନ୍ତୁ ହଜ୍‌ରତ୍ ଉମର୍ ର:ଅ କାହା ସାମନାରେ ବି ମୁଣ୍ଡ ନୁଆଁଇ ନଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍.... ପୃ-୧୫୯)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ଦେଖ ହଜୁର ସ:ଆ:ସଙ୍କର କେତେ ବଡ଼ ବଡ଼ ଶତୃ ଥିଲେ କିନ୍ତୁ ସେମାନଙ୍କ ମଧ୍ୟରେ କିଭଳି ପରିବର୍ତନ ସୃଷ୍ଟି ହେଲା ଯଦ୍ୱାରା କେବଳ ତାଙ୍କର ସୁଧାର ହେଲାନାହିଁ ବରଂ ସେମାନେ ଆଧାତ୍ମିକ କ୍ଷେତ୍ରରେ ଏଭଳି ଉଚ୍ଚ ଆସନରେ ବିରାଜମାନ ହେଲେ ଯେ, ସେମାନଙ୍କୁ ଚିହ୍ନିବା କଷ୍ଟସାଧ ହୋଇଗଲା । ଅର୍ଥାତ ସେମାନଙ୍କ ସ୍ୱରୁପ ଓ ଚରିତ୍ର ସମ୍ପୁର୍ଣ୍ଣ ରୂପେ ପାଲଟି ଯାଇଥିଲା ତେଣୁ ଚିହ୍ନି ହେଉନଥିଲା ଯେ କଣ ଏମାନେ ସେହି ଲୋକେ ? ହଜ୍‌ରତ୍ ଉମର୍ ର:ଅ ଯିଏ ଇସ୍‌ଲାମ୍ ବିରୁଦ୍ଧରେ ଲାଠି ନେଇ ଘୂରି ବୁଲୁଥିଲେ ଯେତେବେଳେ ତାଙ୍କୁ ମୁସଲମାନ ହେବାର ସୌଭାଗ୍ୟ ଲାଭ ହେଲା ସେତେବେଳେ ତାଙ୍କଠାରେ ଏଭଳି ପରିବର୍ତନର ସୂତ୍ରପାତ ହେଲା ଯେ, ନିଜ ପ୍ରୀୟ ଜୀବନକୁ ସଙ୍କଟ ସମ୍ମୁଖକୁ ଠେଲି ଦେଇଥିଲେ ଏବଂ ଦିବାରାତ୍ର ଧର୍ମ ସେବାରେ ନିୟୋଜିତ ରହିଥିଲେ । ଧର୍ମର ଉତ୍‌ଥାନରେ ନିଜ ଜୀବନ ଉତ୍ସର୍ଗ କରିଦେଇଥିଲେ ।

***(ତଫ୍‌ସିର୍ କବୀର୍, ଖଣ୍ଡ-୭, ପୃ-୪୫)***

ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ  ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଭାଷାରେ ଏଭଳି ବର୍ଣ୍ଣନା କରିଛନ୍ତି: ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖନ୍ତୁ ତାଙ୍କ ଦ୍ୱାରା ଇସ୍‌ଲାମ୍‌କୁ କେତେ ଲାଭ ମିଳିଲା । ଏମିତି ସମୟ ଥିଲା ଯେ ସେ ଇମାନ୍ ଆଣିନଥିଲେ ଓ ଦୀର୍ଘ ଚାରିବର୍ଷ ପଛରେ ରହିଗଲେ କିନ୍ତୁ ଅଲ୍ଲାଃ ତାଲାଙ୍କର ଲୀଳା ଅଭୁତପୂର୍ଣ୍ଣ ସେ ଭଲରୂପେ ପରିସ୍ଥିତିକୁ ବୁଝନ୍ତି ଯେ, ଏପରି କରିବା ପଛରେ ତାଙ୍କର ଉଦ୍ଦେଶ୍ୟ କଣ ଥିଲା । ଅବୁଜହଲ୍ ଜଣେ ଏପରି ବ୍ୟକ୍ତିର ସନ୍ଧାନ କରୁଥିଲା ଯିଏ ହଜୁର ସ:ଆ:ସଙ୍କୁ ହତ୍ୟା କରିବାକୁ ସାହାସ ଓ ସାମର୍ଥ୍ୟ ରଖିଥିବ । ଅତଏବ୍ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଅତ୍ୟନ୍ତ ବୀର ଓ ସାହାସୀ ବ୍ୟକ୍ତି ଥିଲେ ଏବଂ ତାଙ୍କର ବୀରତ୍ୱ ସର୍ବସାଧାରଣରେ ସୁପ୍ରସିଦ୍ଧ ଥିଲା । ସେମାନେ ପରସ୍ପର ସହ ପରାମର୍ଶ କରି ହଜୁର ସ:ଆ:ସଙ୍କୁ ହତ୍ୟା କରିବାର ପ୍ରତିଶୃତି ପତ୍ରରେ ଦୁହେଁ ଅର୍ଥାତ ଅବୁଜହଲ୍ ଓ ହଜ୍‌ରତ୍ ଉମର୍ ର:ଅ ହସ୍ତାକ୍ଷର ମଧ୍ୟ କଲେ ଏବଂ ସେଥିରେ ଏକଥା ଧାର୍ଯ୍ୟ ମଧ୍ୟ କରାଗଲା ଯେ ଯଦି ଉମର ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କୁ ହତ୍ୟା କରି ଆସିବେ, ତା'ହେଲେ ତାଙ୍କୁ ଏତେମାତ୍ରାରେ ଟଙ୍କା ଦିଆଯିବ । ହଜୁର ଆ:ସ କୁହନ୍ତି: ଦେଖ ପ୍ରଭୁଙ୍କର କିଭଳି ବିଧାନ ଯେ ସେ ଅର୍ଥାତ ଉମର ହଜୁର ସ:ଆ:ସଙ୍କୁ ହତ୍ୟା କରିବାପାଇଁ ବାହାରିଥିଲା କିନ୍ତୁ ସ୍ୱୟମ ଇସ୍‌ଲାମ୍‌ର ଶିକାର ହୋଇ ଶହୀଦ ହୋଇଯାଇଥିଲା । କିଭଳି ଆଶ୍ଚର୍ଯ୍ୟଜନକ ଘଟଣା ଦେଖ ସେ ହଜୁର

ସ:ଆ:ସଙ୍କୁ ହତ୍ୟା କରିବାପାଇଁ ରାତ୍ରରେ ଗସ୍ତ କରୁଥିଲେ ଯେ, କୌଣସି ସ୍ଥଳେ ହଜୁର ସ:ଆ:ସଙ୍କୁ ଏକାକି ପାଇଲେ ହତ୍ୟା କରିଦେବି ଏବଂ ଲୋକମାନଙ୍କୁ ତାଙ୍କ ସଂକ୍ରାନ୍ତରେ ପଚାରୁଥିଲେ ଯେ, ସେ କେଉଁ ସ୍ଥଳେ ଏକାକି ମିଳିବେ, ଅର୍ଥାତ ହଜୁର ସ:ଆ:ସ । ଲୋକେ ହଜ୍‌ରତ୍ ଉମର୍ ର:ଅଙ୍କୁ ଖବର ଦେଲେ ଯେ, ଅର୍ଦ୍ଧରାତ୍ରରେ ସେ ଖାନାକାବାରେ ଯାଇ ନମାଜ ପାଠ କରନ୍ତି ତେଣୁ ଏହା ଶୁଣି ଉମର୍ ଅତି ଆନନ୍ଦିତ ହୋଇଯାଇଥିଲେ ଅତଏବ ସେ ଖାନାକାବାକୁ ଯାଇ ଛପି ରହିଲେ, କିଛି କ୍ଷଣ ପରେ ଜଙ୍ଗଲରୁ **ଲା ଇଲାହା ଇଲ୍ଲଲ୍ଲାହୁ** ଶବ୍ଦ ଉଚ୍ଚାରଣ ହେବାର ସ୍ୱର ଶୁଣିବାକୁ ମିଳିଲା ଏବଂ ତାହା ହଜୁର ସ:ଆ:ସଙ୍କର ହିଁ ପବିତ୍ର ସ୍ୱର ଥିଲା । ସେହି କଣ୍ଠ ସ୍ୱରକୁ ଶୁଣି ସେ ଜାଣି ପାରିଲେ ଯେ ଆପଣ ସ:ଆ:ସ ଏହି ପାର୍ଶ୍ୱ ଆଡ଼କୁ ଆସୁଛନ୍ତି ତେଣୁ ଉମର୍ ଅଧିକ ସର୍ତକତା ଅବଲମ୍ବନ କରି ଛପି ରହିଲେ ଏବଂ ଏହା ସ୍ଥିର କଲେ ଯେ, ଯେତେବେଳେ ହଜୁର ସ:ଆ:ସ ସଜ୍‌ଦାକୁ ଯିବେ ସେତେବେଳେ ଖଣ୍ଡାର ପ୍ରହାର କରି ଶରୀରରୁ ଶିରକୁ ଅଲଗା କରିଦେବେ । ହଜୁର ସ:ଆ:ସ କାବାରେ ପହଂଚି ନମାଜ ପାଠ କରିବା ଆରମ୍ଭ କରିଦେଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ତା'ପର ଘଟଣା ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସ ସଜ୍‌ଦାରେ ଏଭଳି ଆତୁରତାର ସହିତ ରୋଦନ କରି ଦୁଆ କଲେ ଯେ, ମୁଁ ଶିହରିତ ହୋଇଗଲି ଏପରି କି ହଜୁର ସ:ଆ:ସ ଦୁଆ କରୁଥିଲେ **ସଜଦା ଲକା ରୁହି ୱ ଜନାନି** ଅର୍ଥାତ ହେ ମୋର ପ୍ରଭୁ ମୋ ଆତ୍ମା ଓ ମୋ ହୃଦୟ ମଧ୍ୟ ତୁମ ନିକଟରେ ଆନତ ରହିଛି । ଉମର କୁହନ୍ତି ଏହି ଦୁଆମାନ ଶୁଣି ହୃଦୟ ଖଣ୍ଡବିଖଣ୍ଡିତ ହୋଇଗଲା । ଶେଷରେ ଭୟରେ ଥରି ମୋ ହସ୍ତରୁ ନିଜର ଖଣ୍ଡା ଖସି ପଡ଼ିଲା । ମୁଁ ହଜୁର ସ:ଆ:ସଙ୍କୁ ଏହି ଅବସ୍ଥାରୁ ବୁଝି ପାରିଲି ଯେ, ଇଏ ହେଉଛନ୍ତି ଜଣେ ସତ୍ୟବାଦୀ ବ୍ୟକ୍ତି ଏବଂ ସେ ନିଜ ଉଦ୍ଦେଶ୍ୟରେ ନିଶ୍ଚିତ ରୂପେ ସଫଳ ହେବେ । କିନ୍ତୁ ନଫ୍‌ସେ ଅମାରା ଅର୍ଥାତ ମନ୍ଦ ପବୃତି ବରାବର ମନୁଷ୍ୟକୁ ପର୍ବତାଇ ଥାଏ । ଯେତେବେଳେ ଆପଣ ସ:ଆ:ସ ନମାଜ ଶେଷ କରି ଉଠିଲେ ମୁଁ ମଧ ଆପଣଙ୍କ ପଛ ଧରିଲି ମୋ ପାଦର ଶବ୍ଦ ଶୁଣି ହଜୁର ପଚାରିଲେ ତୁମେ କିଏ ମୁଁ ଉତର ଦେଲି ଉମର୍ । ଆପଣ ସ:ଆ:ସ କହିଲେ, ହେ ଉମର୍ ! ତୁମେ ନା ରାତ୍ରରେ ମୋ ପଛ ଛାଡୁଛ ନା ଦିବସରେ । ସେତେବେଳେ ଆପଣଙ୍କ ଆତ୍ମାର ସୁଗନ୍ଧ ମତେ ସୁବାସିତ କରିଦେଲା ମୋ ହୃଦୟ ଅନୁଭବ କଲା ଯେ, ସମ୍ଭବତଃ ହଜୁର ମୋ ପାଇଁ ଅମଙ୍ଗଳ ପ୍ରାର୍ଥନା କରିବେ । ମୁଁ କହିଲି ହଜୁର ମୋର ଅମଙ୍ଗଳ କାମନା କରନ୍ତୁନାହିଁ । ସେ କୁହନ୍ତି, ତାହା ହିଁ ମୋ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ମୁହୂର୍ତ ଥିଲା ଏପରି କି ପରମେଶ୍ୱର ମତେ ମୁସଲମାନ ହେବାପାଇଁ ଶକ୍ତି ପ୍ରଦାନ କରିଦେଲେ । ***(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୧୮୦-୧୮୧)***

ଏହାଥିଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏକ ବର୍ଣ୍ଣନା ଏବଂ ଆପଣଙ୍କର ଆହୁରି ଅନେକ ବର୍ଣ୍ଣନା ଏହାର ବ୍ୟାଖ୍ୟାରେ ମଧ ରହିଛି । ଯେଉଁଥିରେ ଗୋଟିଏ ଦୁଇଟି ଶବ୍ଦ ଭିନ୍ନ ରହିଛି । ଶେଷରେ ଆପଣ ଏହି କଥାରେ ଉପନୀତ ହୋଇଛନ୍ତି ଯେ, ଉମର୍ ଅବୁଜହଲ୍ ସହିତ ମୁସଲମାନ ହେବା ପୂର୍ବରୁ ସାକ୍ଷାତ କରୁଥିଲେ ବରଂ ଲେଖା ଅଛି ଅବୁଜହଲ୍ ହଜୁର ସ:ଆ:ସଙ୍କୁ ହତ୍ୟାର ଷଡ଼ଯନ୍ତ୍ର ମଧ ପ୍ରସ୍ତୁତ କରିସାରିଥିଲା । ସେଥିପାଇଁ ପୁରସ୍କାର ରାଶି ମଧ ଧାର୍ଯ୍ୟ କରିନେଇଥିଲା ଏବଂ ଏହି କାର୍ଯ୍ୟ ପାଇଁ ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ଚୟନ କରିଥିଲା । ଅତଏବ ଆପଣ ନିଜ ତରବାରୀ ଧାର କରି ସୁଯୋଗକୁ ଚାହିଁ ବସିଲେ । ଶେଷରେ ସେ ଜାଣିପାରିଲେ ଯେ ଅଧରାତ୍ରିରେ ଆପଣ ସ:ଆ:ସ ଖାନାକାବାରେ ନମାଜ ପାଠ କରୁଛନ୍ତି । ଅତଏବ ଉମର୍ ଖାନାକାବାକୁ ଯାଇ ସେଠାରେ ଛପି ରହିଲେ, କିଛି କ୍ଷଣ ପରେ ଜଙ୍ଗଲ ଆଡୁ **ଲା ଇଲାହା ଇଲ୍ଲଲ୍ଲାହୁ** ଉଚ୍ଚାରଣ ହେବାକୁ ଲାଗିଲା ଏବଂ ସେହି ଆବାଜ୍ ଧିରେ ଧିରେ ନିକଟତର ହେବାକୁ ଲାଗିଲା । ଏତିକି ବେଳେ ସେ ଦେଖିବାକୁ ପାଇଲେ ଯେ, ଏପରି ହଜୁର ସ:ଆ:ସ ଖାନାକାବରେ ପ୍ରବେଶ କରୁଛନ୍ତି ଏବଂ ସେଠାରେ ନମାଜ ପାଠ କରିବା ଆରମ୍ଭ କରିଦେଲେ । ଉମର୍ କୁହନ୍ତି ହଜୁର ସ:ଆ:ସ ସଜ୍‌ଦାରେ ଏଭଳି ଭାବ ବିହ୍ୱଳ ହୋଇ ରୋଦନ କରି ଦୁଆ କଲେ ଯେ, ମୁଁ ତାଙ୍କ ଉପରକୁ ଖଡ୍ଗ ଚାଳନା କରିବାକୁ ସାହାସ ଜୁଟାଇ ପାରିଲିନାହିଁ । ଅତଏବ ଆପଣ ସ:ଆ:ସ ନମାଜ ପଢ଼ା ଶେଷ କରି ଉଠିଲେ, ମୁଁ ମଧ ଆପଣଙ୍କ ପଛ ଧରିଲି । ହଜୁର ସ:ଆ:ସ ମୋ ପାଦର ଶବ୍ଦକୁ ଶୁଣିନେଲେ, ଅତଏବ ହଜୁର ପଚାରିଲେ ତୁମେ କିଏ ? ମୁଁ ଉତର ଦେଲି ଉମର୍ । ଆପଣ କହିଲେ, ହେ ଉମର୍ ! ତୁମେ ନା ରାତ୍ରରେ ମୋ ପଛ ଛାଡୁଛ ନା ଦିବସରେ । ଆପଣଙ୍କର ଏହି କଥା ଶୁଣି ମୁଁ ଅନୁଭବ କଲି ଯେ, ସମ୍ଭବତଃ ହଜୁର ମୋ ପାଇଁ ଅମଙ୍ଗଳ କାମନା କରିବେ, ମୁଁ କହିଲି ହଜୁର ଆଜିଠାରୁ ଆପଣଙ୍କୁ କଦାପି କଷ୍ଟ ପହଂଚାଇବି ନାହିଁ । ଆରବବାସୀ ଯେହେତୁ ନିଜ ପ୍ରତିଶୃତି ରକ୍ଷା କରିବାକୁ ଅତ୍ୟନ୍ତ ଗୁରୁତ୍ୱ ଦିଅନ୍ତି ତେଣୁ ହଜୁର ସ:ଆ:ସ ତାଙ୍କ କଥାକୁ ବିଶ୍ୱାସ କରିନେଲେ । ଏହି ବୃତାନ୍ତଟି ପୂର୍ବରୁ ଆଲୋଚନା କରାଯାଇଥିବା ହଦିସ୍‌ରୁ ଟିକିଏ ଅଲଗା । ଠିକ୍ ସେହି ସମୟରେ ହଜୁର ସ:ଆ:ସ ଙ୍କ ଅନ୍ତରରେ ଏକଥା ଉତ୍ପନ୍ନ ହେଲା ଯେ ପ୍ରଭୁ ତାଙ୍କୁ (ଅର୍ଥାତ ଉମରଙ୍କୁ)ନଷ୍ଟ ହେବାକୁ ଦେବେନାହିଁ । ଶେଷରେ ଉମର୍ ମୁସଲମାନ ହୋଇଗଲେ । ତା'ପରେ ଅବୁଜହଲ୍ ଓ ଅନ୍ୟ ବିରୋଧିଙ୍କ ସହିତ ତାଙ୍କର ଯେଉଁ ବନ୍ଧୁତା ଥିଲା, ତାହା ନିମିଷକେ ଶେଷ ହୋଇଗଲା । ସେହି ସ୍ଥଳେ ଏକ ନୂତନ ବନ୍ଧୁତା ସ୍ଥାପନ ହେଲା । ଆପଣଙ୍କୁ ହଜ୍‌ରତ୍ ଅବୁବକର ଓ ଅନ୍ୟ ସାହାବାମାନେ ମିଳିଲେ, ସେଥିଅନ୍ତେ ସେହି ପୂର୍ବ ସମ୍ପର୍କର ଚିହ୍ନବର୍ଣ୍ଣ ହିଁ ରହିଲା ନାହିଁ । ***(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୩୪୦)***

ଗୋଟିଏ ସ୍ଥାନରେ ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ଏହି ଘଟଣାଟି ଏପରି ଶୈଳୀରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରିଛନ୍ତି: ହଜ୍‌ରତ୍ ଉମର୍ ର:ଅଙ୍କ ହଜୁର ସ:ଆ:ସଙ୍କୁ ହତ୍ୟା କରିବାପାଇଁ ଘରୁ ବାହାରିବା ଘଟଣା ଆପଣମାନେ ଶୁଣିଥିବେ । ଅବୁଜହଲ୍ ନିଜ ଗୋଷ୍ଠୀରେ ହଜୁର ସ:ଆ:ସଙ୍କୁ ହତ୍ୟା କରିବାର ଏକ ପ୍ରକାର ପୁରସ୍କାର ଘୋଷଣା କରିଦେଇଥିଲେ । ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବା ପୂର୍ବରୁ ଅବୁଜହଲ୍ ସହିତ ଏହି ସନ୍ଧିପତ୍ର ସ୍ୱାକ୍ଷର କରିଥିଲେ ଯେ, ସେ ହଜୁର ସ:ଆ:ସଙ୍କୁ ହତ୍ୟା କରିବେ । ସୁତରାଂ ସେ ସୁଯୋଗର ଅପେକ୍ଷାରେ ଥିଲେ, ଓ ଲୋକମାନଙ୍କୁ ତାଙ୍କ ସଂକ୍ରାନ୍ତରେ ପଚାରୁଥିଲେ ଯେ, ହଜୁର କେଉଁଠାରେ ଏକାକି ମିଳିବେ ଲୋକେ ତାଙ୍କୁ ସୁଚିତ କଲେ ଯେ, ଅର୍ଦ୍ଧରାତ୍ରରେ ସେ ଖାନାକାବାକୁ ଯାଇ ନମାଜ ପାଠ କରିଥାନ୍ତି । ଏହା ଶୁଣି ଉମର୍ ଉକ୍ତ ଅବସରକୁ ବେଶ୍ ଉପଯୋଗୀ ମଣିଲେ, ଅତଏବ ସେ ଖାନାକାବାକୁ ଯାଇ ଛପି ରହିଲେ । କିଛି କ୍ଷଣ ପରେ ଜଙ୍ଗଲ ଆଡୁ **ଲା ଇଲାହା ଇଲ୍ଲଲ୍ଲାହୁ** ର ଶବ୍ଦ ଶୁଣିବାକୁ ପାଇଲେ, ଉମର୍ ଚିନ୍ତା କଲେ ଯେତେବେଳେ ହଜୁର ସ:ଆ:ସ ସଜ୍‌ଦାଃରେ ଥିବେ ସେତିକିବେଳେ ତାଙ୍କ ଉପରେ ଖଣ୍ଡା ପ୍ରହାର କରିଦେବି ଓ ତାଙ୍କ କାମ ତମାମ୍ କରିଦେବି । କିନ୍ତୁ ହଜୁର ସ:ଆ:ସ ସଜ୍‌ଦାଃରେ ଏଭଳି ଆତୁରତାର ସହିତ ରୋଦନ କରି ଦୁଆ କଲେ ଯେ, ଉମର୍‌ଙ୍କର ଶରୀର ଶିହରିତ ହୋଇ ଉଠିଲା, ତାଙ୍କର ସମସ୍ତ ଦାମ୍ଭିକତା ଉଭେଇ ଗଲା । ତାଙ୍କର ହତ୍ୟା କରିବାକୁ ଉର୍ଦ୍ଧଗାମୀ ହୋଇଥିବା ହସ୍ତ ଶିଥିଳ ହୋଇ ପଡ଼ିଲା" । ଏଠାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କ ନମ୍ର ସ୍ୱଭାବକୁ ଏପରି ବର୍ଣ୍ଣନା କରିଛନ୍ତି ଯେ:- ନମାଜ ସାରି ଯେତେବେଳେ ହଜୁର ସ:ଆ:ସ ଯିବାକୁ ବାହାରିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ମଧ ଆପଣଙ୍କ ପଛ ଧରିଲି । ତାଙ୍କ ପାଦ ସ୍ୱର ଶୁଣି ହଜୁର ସ:ଆ:ସ ଜାଣିନେଲେ ଅତଏବ ହଜୁର ସ:ଆ:ସ କହିଲେ, ହେ ଉମର୍ ତୁମେ କଣ ମୋ ପଛ ଛାଡ଼ିବନାହିଁ । ହଜ୍‌ରତ୍ ଉମର୍ ଅଭିଷାପ ପାଇବା ଭୟରେ କହିଉଠିଲେ ହଜୁର ମୋର ଅମଙ୍ଗଳ କାମନା କରନ୍ତୁ ନାହିଁ । ସେ କୁହନ୍ତି ତାହାହିଁ ମୋର ପ୍ରଥମ ରାତ୍ର ଥିଲା ଯେତେବେଳେ ମୋ ହୃଦୟରେ ଇସ୍‌ଲାମ୍ ପ୍ରତି ଆଗ୍ରହ ଓ ପ୍ରେମଭାବ ଜାତ ହୋଇଥିଲା ।

***(ମଲ୍‌ଫୁଜାତ୍ ଖଣ୍ଡ-୭, ପୃ-୬୧)***

ବର୍ତମାନ ଏହି ତିନୋଟି ଭିନ୍ନ ଭିନ୍ନ ପ୍ରାମାଣ୍ୟ ମୁଁ ଆଲୋଚନା କଲି ଯାହାକି ଜାନୁୟାରୀ ୧୯୦୧, ଅଗଷ୍ଟ ୧୯୦୨ ଓ ଜୁନ୍ ୧୯୦୪ ମସିହାର ଅଥବା ସମ୍ଭବତଃ ୧୯୦୭ ମସିହାର ଅଟେ । ଯାହାକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରିଛନ୍ତି । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ତିନୋଟି ଭିନ୍ନ ଭିନ୍ନ ବର୍ଣ୍ଣନା ଖାନାକାବାରେ ହଜୁର ସ:ଆ:ସଙ୍କ ଉପରେ ଆକ୍ରମଣ କରିବାର ଚର୍ଚ୍ଚା ରହିଛି । ସମ୍ଭବତଃ ଉମର୍ ଏହାପରେ ନିଜର ତାମସିକ ସ୍ୱଭାବରେ ବିବଶ ହୋଇ ବା ବଶବର୍ତୀ ହୋଇ ଦିନବେଳା ମଧ ଆକ୍ରମଣ କରିବାପାଇଁ ବାହାରିଥିବେ ଯେଉଁଥିରୁ ଭାଇ ଭଉଣୀଙ୍କର ସେହି ଘଟଣା ଆମକୁ ହସ୍ତଗତ ହେଉଛି ଏହି ଘଟଣାଟି ସାଧାରଣତଃ ସବୁଠାରେ ବର୍ଣ୍ଣନା କରାଯାଇଥାଏ କିନ୍ତୁ ସେହି ରାତ୍ର ଘଟଣା ଅବୁଜହଲ୍‌ର ଆପଣଙ୍କୁ ପର୍ବତାଇବା ଓ ପୁରସ୍କାର ହାସଲ କରିବା ଉଦ୍ଦେଶ୍ୟରେ ଉମର୍ ହଜୁର ସ:ଆ:ସଙ୍କୁ ହତ୍ୟା କରିବାକୁ ସ୍ଥିର କରିଥିଲେ ଏବଂ ସେଥିପାଇଁ ଉଦ୍ୟମ ମଧ କରିଥିଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଅବୁ ଜହଲ୍‌କୁ ଫିରୋନ୍ କୁହାଯାଏ କିନ୍ତୁ ମୋ ଦୃଷ୍ଟିରେ ଅବୁଜହଲ୍ ଫିରୋନ୍‌ଠାରୁ ବଳି ଥିଲା କାରଣ ଫିରୋନ୍ ତ ଶେଷରେ ସାକ୍ଷ୍ୟ ଦେଇଥିଲା, **ଅମାନ୍‌ତୁ ଅନ୍ନହୁ ଲା ଇଲାହା ଇଲ୍ଲଲ୍ଲଜି ଆମନତ୍ ବିହି ବନୁ ଇସ୍‌ରାଇଲା (ୟୁନୁସ୍:୯୧)** ଅର୍ଥାତ ଫିର୍‌ଔନ୍ କହିଲା: ଯାହାଙ୍କ ପ୍ରତି ଇସ୍ରାଇଲୀୟ ସନ୍ତାନମାନେ ବିଶ୍ୱାସ କରିଛନ୍ତି, ମୁଁ ମଧ ତାହାଙ୍କ ଉପରେ ବିଶ୍ୱାସ କରୁଅଛି ଯେ ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । କିନ୍ତୁ ଅବଜହଲ୍ ବିଶ୍ୱାସ ଆଣିନଥିଲା ଏବଂ ମକ୍କାରେ ସମସ୍ତ ପ୍ରକାର ବିଶୃଙ୍ଖଳା ଓ ବିଦ୍ରୋହ ସେ ହିଁ ସୃଷ୍ଟି କରୁଥିଲା । ସେ ଅତି ଅହଙ୍କାରି ଓ ସ୍ୱାର୍ଥପର ସ୍ୱଭାବି ବ୍ୟକ୍ତି ଥିଲା, ସର୍ବଦା ମର୍ଯ୍ୟାଦା ଓ ଗୌରବର ଅଭିଳାଷୀ ଥିଲା ତାହାର ଅସଲ ନାମ ମଧ ଉମର୍ ଥିଲା ତେବେ ଏହି ଦୁଇ ଉମର୍ ମକ୍କାରେ ଥିଲେ କିନ୍ତୁ ପ୍ରଭୁଙ୍କ ବିଧାନ ଜଣକୁ ହିଁ ଚୟନ କଲା ଏବଂ ନିଜ ଧର୍ମ ପାଇଁ ମନୋନୀତ କରି ଟାଣି ଆଣିଲା କିନ୍ତୁ ଆଉ ଜଣେ ଅଭାଗା ହୋଇ ନର୍କାଗ୍ନୀର ଅଧିକାରୀ ହେଲା । ଅପରପକ୍ଷେ ହଜ୍‌ରତ୍ ଉମର ନିଜ ଜିଦ୍ ଛାଡ଼ି ଦେବାରୁ ସମ୍ରାଟ ପାଲଟି ଯାଇଥିଲେ" ।

***(ମଲ୍‌ଫୁଜାତ୍ ଖଣ୍ଡ-୪, ପୃ-୨୪୭)***

ହଜ୍‌ରତ୍ ଇବ୍‌ନେ ଉମର୍ ବର୍ଣ୍ଣନା କରନ୍ତି ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କର ପୁତ୍ର କୁହନ୍ତି: ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ ହଜୁର ସ:ଆ:ସଏହି ଦୁଆ କଲେ **ଅଲ୍ଲାହୁମ୍ମା ଅଖ୍‌ରିଜ୍ ମା ଫି ସହରିହି ମିନ୍ ଗିଲ୍‌ଲିନ୍ ୱ ଅବ୍‌ଦିଲ୍‌ହୁ ଇମାନା** ଅର୍ଥାତ ହେ ଅଲ୍ଲାଃ ! ଏହା ହୃଦୟରେ ଯେଉଁ ସବୁ ମଳିନତା ରହିଛି ତାହାକୁ ଦୂର କରିଦିଅ ଏବଂ ତାହାକୁ ବିଶ୍ୱାସରେ ପରିପୂର୍ଣ୍ଣ କରିଦିଅ । ହଜୁର ଏହି ଦୁଆ ପାଠ କରି ତିନିଥର ହଜ୍‌ରତ୍ ଉମର୍ ର:ଅଙ୍କ ଛାତିରେ ନିଜ ପବିତ୍ର ହସ୍ତ ବୁଲାଇ ଆଣିଲେ ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୨୩୭.......... ବେରୁତ ୨୦୦୨)***

ଯେପରି କି ଆମେ ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ପୂର୍ବ ଜୀବନ ଦେଖି ସାରିଛେ ଯେ, ମୁସଲମାନ ହେବା ପୂର୍ବରୁ ସେ ଇସ୍‌ଲାମ୍‌ର ପ୍ରଚଣ୍ଡ ଶତୃ ଥିଲେ କିନ୍ତୁ ମୁସଲମାନ ହେବାପରେ ଆପଣଙ୍କ ଅସ୍ତିତ୍ୱ ମୁସଲମାନମାନଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେଲା ଏବଂ ସେମାନଙ୍କ ସଂକୀର୍ଣ୍ଣ ଜୀବନ କିଛି ଆସ୍ୱସ୍ଥ ଲାଭ କଲା ।

ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରନ୍ତି, ଆମେ ସେପର୍ଯ୍ୟନ୍ତ ସ୍ୱାଧିନ ଭାବରେ ମନଖୋଲି ଅଲ୍ଲାଃଙ୍କ ଉପାସନା କରିପାରୁନଥିଲୁ ଯେ ପର୍ଯ୍ୟନ୍ତ ଉମର୍ ମୁସଲମାନ ହୋଇନଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୮୪.......... ବେରୁତ ୨୦୦୫)***

ଅବ୍‌ଦୁର୍ ରହ୍‌ମାନ୍ ବିନ୍ ହାରିସ୍ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ର:ଅ କହିଲେ ଯେଉଁ ଦିନ ରାତ୍ରରେ ମୁଁ ମୁସଲମାନ ହେଲି ସେତେବେଳେ ଚିନ୍ତା କଲି ମକ୍କାବାସୀଙ୍କ ମଧ୍ୟରେ ହଜୁର ସ:ଆ:ସଙ୍କର ସବୁଠାରୁ ବଡ଼ ଶତ୍ରୁ କିଏ ଯାହା ଫଳରେ ମୁଁ ତା ନିକଟକୁ ଯାଇ ତାକୁ କହିବି ଯେ, ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଛି । ତା'ପରେ ମନରେ ଏହି କଥା ଉଙ୍କି ମାରିଲା ଯେ, ସେ ଅବୁଜହଲ୍ ହିଁ ଅଟେ । ଏହା ଅନ୍ତେ ଉମର୍ କହିଲେ, ସକାଳେ ମୁଁ ତାହା ନିକଟକୁ ଗଲି ଏବଂ ତାହାର ଦୁଆର ଖଟକାଇଲି । ଅବୁଜହଲ୍ ମୋ ନିକଟକୁ ଆସିଲା ଏବଂ କହିଲା, ହେ ମୋ ଭଣଜା ମୁଁ ତୁମକୁ ସ୍ୱାଗତ ଜଣାଉଛି । ଭିତରକୁ ଆସ । ତୁମ ଆସିବାର ଅଭିପ୍ରାୟ କଣ ? ଉମର୍ ଉତର ଦେଲେ ମୁଁ ତୁମକୁ କହିବାକୁ ଆସିଛି ଯେ, ମୁଁ ଅଲ୍ଲାଃ ଓ ତାହାଙ୍କ ରସୁଲ୍ ଉପରେ ବିଶ୍ୱାସ ଆଣି ମୁସଲମାନ ହୋଇଯାଇଛି ଏବଂ ମୁଁ ତାଙ୍କର ସମର୍ଥନ କରୁଅଛି । ଉମର୍ କୁହନ୍ତି, ଏଥିରେ ସେ ମୋ ପାଇଁ ନିଜ ଦୁଆର ବନ୍ଦ କରିଦେଲେ ଏବଂ କହିଲେ, ଅଲ୍ଲାଃ ତୁମକୁ ଓ ଯାହା ତୁମେ ନାଇ ଆସିଛ ତାହାକୁ ନିପାତ କରିଦିଅନ୍ତୁ ।

*(ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା- ୧୬୨..... ବେରୁତ ୨୦୦୯)*

ହଜ୍‌ରତ୍ ଇବ୍‌ନେ ଉମର୍ ବର୍ଣ୍ଣନା କରନ୍ତି, ଯେତେବେଳେ ମୋ ପିତା ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ସେ ଲୋକମାନଙ୍କୁ ପ୍ରଶ୍ନ କଲେ, କୁରେଶ୍‌ର ସବୁଠାରୁ ଅଧିକ ଅପପ୍ରଚାରକାରୀ ବ୍ୟକ୍ତି କିଏ ? ସେମାନେ କହିଲେ ଜମିଲ୍ ବିନ୍ ମୁଅମର୍ ଜୁମ୍‌ହି । ହଜ୍‌ରତ୍ ଇବ୍‌ନେ ଉମର୍ କୁହନ୍ତି, ଆପଣ ର:ଅ ସକାଳୁ ଶଅଳ ଶଅଳ ତାଙ୍କ ନିକଟକୁ ଚାଲିଗଲେ ମୁଁ ମଧ୍ୟ ଆପଣଙ୍କ ପଛେ ପଛେ ଗଲି ଯଦିଚ ମୁଁ ସ୍ୱଳ୍ପ ବୟସ୍କ ବାଳକ ଥିଲି ତଥାପି ଯାହା କିଛି ଦେଖିଲି ତାହା ମୁଁ ବୁଝି ପାରୁଥିଲି । ହଜ୍‌ରତ୍ ଇବ୍‌ନେ ଉମର୍ କୁହନ୍ତି ମୋ ପିତା ତା ନିକଟରେ ପହଂଚି କହିଲେ, ହେ ଜମିଲ୍ ! କଣ ତୁମକୁ ଜଣା ଅଛି ଯେ ମୁଁ ମୁସଲମାନ ହୋଇଯାଇଛି ଏବଂ ମୁହମ୍ମଦ ସ:ଆ:ସଙ୍କ ଧର୍ମରେ ଦୀକ୍ଷିତ ହୋଇଯାଇଛି । ହଜ୍‌ରତ୍ ଇବ୍‌ନେ ଉମର୍ କୁହନ୍ତି, ଅଲ୍ଲାଃଙ୍କ ରାଣ ! ଆପଣ ର:ଅ ସେହି ଉକ୍ତିର ପୁର୍ନରାବୃତି କରିନଥିଲେ ଯେ, ସେ ନିଜ ଚଦର ଘୋଷାରି ସେଠାରୁ ଚାଲିଗଲେ । ଉମର୍ ମଧ୍ୟ ତା ପଛେ ପଛେ ଗଲେ, ଇବ୍‌ନେ ଉମର୍ କୁହନ୍ତି ମୁଁ ମଧ୍ୟ ନିଜ ପିତାଙ୍କ ପଛ ଧରିଲି ଏପରି ସେ ଯାଇ ଖାନାକାବ ଦୁଆର ସମ୍ମୁଖରେ ଛିଡ଼ା ହୋଇଗଲେ ଏବଂ ଉଚ୍ଚ ସ୍ୱରରେ ଚିତ୍କାର କରି ଘୋଷଣା କଲେ, ଯେଉଁଠାରେ କୁରେଶ୍‌ର ଅଧିପତିମାନେ ଦଳଗତ ଭାବରେ ବସି ରହିଥିଲେ, ହେ କୁରେଶ୍‌ର ଗୋଷ୍ଠୀ ଧ୍ୟାନ ଦିଅ ଉମର୍ ବିନ୍ ଖତାବ୍ ସାବି ହୋଇଯାଇଛି । ବର୍ଣ୍ଣନାକାରୀ କୁହନ୍ତି ତାହା ପଛପଟୁ ଉମର କହୁଥାନ୍ତି ଏହା ମିଛ କଥା ମୁଁ ତ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛି । ମୁଁ ସାବି ହୋଇନାହିଁ ଏବଂ ଏହି ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନୁହେଁ ଏବଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଅଲ୍ଲାଃଙ୍କ ଭକ୍ତ ତଥା ବାର୍ତାବହକ ଅଟନ୍ତି । ଏଥିଅନ୍ତେ କୁରେଶ୍ ଆପଣଙ୍କ ଉପରକୁ କୁଦା ମାରିଲେ ଆପଣ ର:ଅ ସେମାନଙ୍କର ବରାବର ମୁକାବିଲା କରିଚାଲିଥିଲେ ଅର୍ଥାତ ସଂଘର୍ଷ କରୁଥିଲେ ଏପରି କି ସୂର୍ଯ୍ୟ ମୁଣ୍ଡ ଉପରକୁ ଚାଲିଆସିଲା ଅର୍ଥାତ ଦ୍ୱିପ୍ରହର ହୋଇଗଲା । ବର୍ଣ୍ଣନାକାରୀ କୁହନ୍ତି ଉମର ଶେଷରେ ଥକି ପଡ଼ିଲେ ଯଦ୍ୱାରା ଲୋକେ ଆପଣଙ୍କ ଉପରେ ଛିଡ଼ା ହୋଇଗଲେ । ଆପଣ ର:ଅ ଅହରହ ଭାବରେ କହୁଥିଲେ, ତୁମେ ଯାହା ଇଛା କରିନିଅ ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେଉଁ ଦିନ ଆମ ସଂଖ୍ୟା ତିନିଶହ ହୋଇଯିବ ସେହି ଦିନ ଆମେ ମକ୍କାକୁ ତୁମଲାଗି ଛାଡ଼ିଦେବୁ ଅବା ତୁମେ ଆମ ଲାଗି ମକ୍କା ଛାଡ଼ି ଯିବ ଅର୍ଥାତ ଆମେ ସ୍ୱାଧିନ ଭାବରେ ସମସ୍ତ ଧର୍ମକାର୍ଯ୍ୟ କରିବୁ । ଇତିମଧ୍ୟରେ କୁରେଶ୍‌ର ଜଣେ ବୟଜ୍ୟୋଷ୍ଠ ବ୍ୟକ୍ତି ଆସି ପହଂଚିଲେ, ସେ ୟମନି କାରୁକାର୍ଯ୍ୟ ହୋଇଥିବା ବସ୍ତ୍ର ପରିଧାନ କରିଥିଲେ, ସେ ଆସି ସେଠାରେ ଛିଡ଼ା ହୋଇଗଲେଏବଂ କହିଲେ ଏଠି କଣ ଚାଲିଛି । ଲୋକମାନେ ତାଙ୍କୁ କହିଲେ, ଯେ ଉମର୍ ସାବି ହୋଇଯାଇଛନ୍ତି । ସେ ଉତର ଦେଲେ, ସେଠୁ କଣ ହେଲା ଜଣେ ନିଜ ପାଇଁ ଯଦି କିଛି ପସନ୍ଦ କଲା ତେବେ ତୁମର କଣ ଗଲା । ତୁମେ ତାଙ୍କୁ କାହିଁକି ଏଭଳି କଷ୍ଟ ଦେଉଛ । କଣ ତୁମେମାନେ ମଣୁଛ ଯେ, ବନୁ ଅଦି ବିନ୍ କାଆବ୍ ନିଜ ଲୋକମାନଙ୍କୁ ଏପରି ତୁମ ହାତରେ ଟେକି ଦେବେ ଏବଂ ତୁମେ ଯାହା ଇଛା ତାହା କରିବ । ତାଙ୍କୁ ଛାଡ଼ି ଦିଅ । ବର୍ଣ୍ଣନାକାରୀ କୁହନ୍ତି ଅଲ୍ଲାଃଙ୍କ ରାଣ ! ତା'ପରେ ସେହି ଲୋକମାନେ ହଠାତ୍ ଏଣେତେଣେ ବିଛୁରୀତ ହୋଇଗଲେ । ଇବ୍‌ନେ ଉମର୍ ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କ ପୁତ୍ର କୁହନ୍ତି ମୁଁ ନିଜ ପିତାଙ୍କୁ ସେହି କଥା ପଚାରିଲି ଯେତେବେଳେ ସେ ମଦିନା ପ୍ରବାସ କରିଯାଇଥିଲେ ଅର୍ଥାତ ଉକ୍ତ ଘଟଣାକୁ ଦୀର୍ଘ ସମୟ ଅତିବାହିତ ହେବାପାରେ ସେ ନିଜ ପିତାଙ୍କୁ ପଚାରିଲେ, ହେ ମୋର ପିତା ! ସେହି ବ୍ୟକ୍ତି ଜଣକ କିଏ ଥିଲେ ଯିଏ ଆପଣଙ୍କୁ ମକ୍କାରେ ସେହି ଦିନ ଆପଣଙ୍କୁ ଅମାନ୍ୟକାରୀଙ୍କ କବଳରୁ ରକ୍ଷା କରିଥିଲେ । ସେ ଉତର ଦେଲେ, ଯେ ସେହି ବ୍ୟକ୍ତି ଜଣକ ଥିଲେ ଆସ୍ ବିନ୍ ୱାଇଲ୍ ସହ୍‌ମି ।

*(ସିରତ୍ ଇବ୍‌ନେ ହୁଶାମ୍ ପୃ-୧୬୧- ୧୬୨.... ବେରୁତ ୨୦୦୯)*

ବୁଖାରୀରେ ଏକ ବର୍ଣ୍ଣନା ଦରଜ ରହିଛି ଯାହାକି ଇବ୍‌ନେ ଉମର୍ ବର୍ଣ୍ଣନା କରନ୍ତି: ଏକଦା ହଜ୍‌ରତ୍ ଉମର୍ ର:ଅ ନିଜ ଘରେ ଭୟପ୍ରଦ ଅବସ୍ଥାରେ ବସିଥିଲେ ଯେ, ଇତିମଧ୍ୟରେ ଅବୁ ଅମ୍‌ରୋ ଆସ୍ ବିନ୍ ୱାଇଲ୍ ସହ୍‌ମି ଆସିଲେ ଏବଂ ସେ ୟମନି କାରୁକାର୍ଯ୍ୟ ହୋଇଥିବା ରେଶମ ବସ୍ତ୍ର ପରିଧାନ କରିଥିଲେ । ସେ ବନୁ ସହଲ୍ କବିଲାର ଥିଲେ । ସେ ଇସ୍‌ଲାମ୍‌ର ଆଗମନ ପୂର୍ବରୁ ଆମର ହଲିଫ୍ ଅର୍ଥାତ ବନ୍ଧୁ କବିଲା ଥିଲେ । ଆସ୍ ଉମରଙ୍କୁ କହିଲେ, ତୁମର ଏପରି କଣ ଅବସ୍ଥା ରହିଛି ? ହଜ୍‌ରତ୍ ଉମର ଉତର ଦେଲେ ତୁମ ଗୋଷ୍ଠୀର ଲୋକମାନେ ଏକଥା ଭାବୁଛନ୍ତି ଯେ ଯେହେତୁ ମୁଁ ମୁସଲମାନ ହୋଇଯାଇଛି ତେଣୁ ମତେ ମାରିଦେବେ । ସେ କହିଲେ, ତୁମ ନିକଟରେ କେହି ପହଂଚିପାରିବେ ନାହିଁ ଯେତେବେଳେ ଆସ୍ ଏକଥା କହିଲେ ସେତେବେଳେ ମୁଁ ଆଶ୍ୱସ୍ତ ହେଲି । ତା'ପରେ ଆସ୍ ସେଠାରୁ ଚାଲିଗଲେ ଏବଂ ଲୋକମାନଙ୍କ ସହିତ ସାକ୍ଷାତ କରିବାକୁ ଲାଗିଲେ । ଏପରି ଅବସ୍ଥା ଥିଲା ଯେ ମକ୍କାର ଉପତ୍ୟକାଟି ସେହି ଲୋକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥିଲା । ସୁତରାଂ ଆସ୍ ବିନ୍ ୱାଇଲ୍ ସେମାନଙ୍କୁ ପଚାରିଲେ କୁଆଡ଼େ ଯାଉଛ ସେମାନେ ଉତର ଦେଲେ ଆମେ ଖିତାବ୍‌ଙ୍କ ପୁତ୍ର ନିକଟକୁ ଯାଉଛୁ ଯିଏ ବିଧର୍ମୀ ପାଲଟି ଯାଇଛି । ଆସ୍ କହିଲେ ତାଙ୍କ ନିକଟକୁ ଯାଅ ନାହିଁ । ଏଥିରେ ସେମାନେ ସେଠାରୁ ଫେରି ଚାଲିଗଲେ ।

*(ସହି ବୁଖାରୀ...... ହଦିସ୍-୩୮୬୪)*

ଏ ଯେଉଁ ହଜ୍‌ରତ୍ ଉମର୍ ର:ଅଙ୍କ ଭୟପ୍ରଦ ଅବସ୍ଥା ଉଲ୍ଲେଖ ରହିଛି ଏହା ସଠିକ୍ ମନେ ହେଉନାହିଁ । ଏହା ତ' ତାଙ୍କ ସ୍ୱଭାବ ବିପରୀତ । ସମ୍ଭବତଃ ଚିନ୍ତିତ ଥିବା ପ୍ରତିୟମାନ ହୋଇଥିବ । ଯାହାକୁ ବର୍ଣ୍ଣନାକାରୀ ଭୟପ୍ରଦ ଅବସ୍ଥା ବୋଲି ଭାବି ନେଇଛନ୍ତି । ଅବା ଯେପରି ଆଲୋଚନା ହେଲା ଯେ ସେ କିଛି କାଳ ପରେ ଆସ୍‌ଙ୍କ ଶରଣରୁ ଓହରି ଯାଇଥିଲେ । ଏହି ଚର୍ଚ୍ଚା ଆସନ୍ତାରେ ମଧ୍ୟ ମିଳିବ ଅର୍ଥାତ ଆଗକୁ ମଧ୍ୟ ମିଳିବ । ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ଆସ୍ ବିନ୍ ୱାଇଲ୍ ସେହମିଙ୍କ ସମ୍ପର୍କରେ ଚର୍ଚ୍ଚା କରି ଜୈନୁଲାବିଦ୍ଦିନ୍ ୱଲିଉଲା ଶାହ୍ ସାହେବ ଉଲ୍ଲେଖ କରିଛନ୍ତି:

ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ଯେଉଁ କିଛି ଲୋକ ମୁସଲମାନ ହୋଇଥିଲେ ସେମାନଙ୍କ ସହ ବର୍ବରତା ପ୍ରଦର୍ଶନ କରାଯାଉଥିଲା ଏବଂ ଉମର୍ ମୁସଲମାନ ହେବାପାରେ ତାଙ୍କ ସହିତ ମଧ୍ୟ ଅମାନ୍ୟକାରୀମାନେ ସମାନ ଆଚରଣ ପ୍ରଦର୍ଶନ କରିଥାନ୍ତେ । ଯଦି ଆସ୍ ବିନ୍ ୱାଇଲ୍ ସେହମି ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜ ଶରଣ ଦେବାର ଘୋଷଣା କରିନଥାନ୍ତେ । ସେ କୁରେଶ୍‌ର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଏବଂ ବନୁ ସହଲ୍ କବିଲାର ଥିଲେ । ତାଙ୍କର ବଂଶକ୍ରମ ଆସ୍ ବିନ୍ ୱାଇଲ୍ ସେହମି ବିନ୍ ହାଶିମ୍ ବିନ୍ ସଇଦ୍ ବିନ୍ ସେହମ୍ ଥିଲା । ସେ ହିଜ୍‌ରତ୍ ପୂର୍ବରୁ ହିଁ ଅମାନ୍ୟକାରୀ ଅବସ୍ଥାରେ ଇହ ଧାମ ତ୍ୟାଗ କରିଯାଇଥିଲେ । ହଜ୍‌ରତ୍ ଉମର ର:ଅ ବନୁ ଅଦି ଗୋଷ୍ଠିର ଥିଲେ ଏବଂ ବନୁ ଅଦି ଏବଂ ବନୁ ହାଶିମ୍ ଉଭୟ ଗୋଷ୍ଠି ପରସ୍ପରର ହଲିଫ୍ ଥିଲେ ଅର୍ଥାତ ବନ୍ଧୁ ଥିଲେ । ସେହି ଚୁକ୍ତି ଓ ବନ୍ଧୁତା ଯୋଗୁଁ ଆସ୍ ବିନ୍ ୱାଇଲ୍ ଏହି ଉକ୍ତ ପରିସ୍ଥିତିରେ ହଜ୍‌ରତ୍ ଉମର୍ ର:ଅଙ୍କୁ ସାହାଯ୍ୟ କରିବାର ନିଜର ଦାୟିତ୍ୱ ମଣିଥିଲେ । *(ସହି ବୁଖାରୀ.... ଖଣ୍ଡ-୭, ପୃ-୩୪୬-୩୪୭)*

ଯେପରି କି ମୁଁ ପୂର୍ବେ ଆଲେଚନା କରି ଆସିଲି ହଜ୍‌ରତ୍ ଉମର୍ ର:ଅ କିଛି ଦିନ ପରେ ଆସଙ୍କର ଶରଣରୁ ଓହରି ଯାଇଥିଲେ ଅର୍ଥାତ ତାଙ୍କ ଶରଣ ତାଙ୍କୁ ଫେରସ୍ତ କରିଦେଇଥିଲେ । ଅତଏବ ଏହି ପ୍ରସଙ୍ଗରେ ହଜ୍‌ରତ୍ ଉମର୍ ର:ଅ ସ୍ୱୟମ କୁହନ୍ତି ମୁଁ ଏହା ବରଦାସ୍ତ କରିପାରୁନଥିଲି ଯେ ଜଣେ ମୁସଲମାନକୁ ଅତ୍ୟାଚାର ହେଉଥିବାର ଦେଖୁଥିବି ଏବଂ ମତେ ସେଥିରୁ ବଂଚିତ ରଖାଯାଉଥିବ କାରଣ ମତେ ମଧ୍ୟ ସମାନ କଷ୍ଟ ଅନୁଭବ ହେଉଥିଲା ଯାହାକି ଅନ୍ୟ ମୁସଲମାନମାନଙ୍କୁ ହେଉଥିଲା ଆପଣ କୁହନ୍ତି: ମୁଁ ସେ ପର୍ଯ୍ୟନ୍ତ କାବାଠାରେ ପ୍ରତିକ୍ଷା କଲି ଯେପର୍ଯ୍ୟନ୍ତ ସମସ୍ତ ଲୋକମାନେ ଏକତ୍ରିତ ହୋଇନଯାଇଛନ୍ତି । ତା'ପରେ ମୁଁ ନିଜ ମାମୁଁ ଆସ୍ ବିନ୍ ୱାଇଲ୍‌ଙ୍କ ନିକଟକୁ ଗଲି ଏବଂ ମୁଁ କହିଲି ମୋ କଥା ଟିକେ ଶୁଣନ୍ତି । ସେ କହିଲେ, କଣ ହେଲା ମୁଁ ପୁନଶ୍ଚ କହିଲି ମୁଁ ଆପଣଙ୍କୁ ଆପଣଙ୍କ ଶରଣ ଫେରସ୍ତ କରୁଛି । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ସେ ମତେ କହିଲେ, ହେ ମୋ ଭଣଜା ଏପରି କରନାହିଁ । ମୁଁ କହିଲି ବାସ୍ ! ସେ କହିଲେ ଆଛା ଯେମିତି ତୁମ ଇଛା । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଏଥିଅନ୍ତେ ମୁଁ ମକ୍କାର ଗଳିରେ ସଂଘର୍ଷ ହିଁ କରୁଥିଲି ଅର୍ଥାତ ମାରିବା ଓ ମାଡ଼ ଖାଇବାରେ ମୋ ଦିନ କଟୁଥିଲା ଏପରି କି ପ୍ରଭୁ ଇସ୍‌ଲାମ୍‌କୁ ମର୍ଯ୍ୟାଦା ପ୍ରଦାନ କଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ- ୧୪୧.......... ବେରୁତ ୨୦୦୩)*

ମୁହମ୍ମଦ ବିନ୍ ଉବେଦ୍ ବର୍ଣନା କରନ୍ତି ମୋର ମନେ ଅଛି ଯେ ଆମକୁ ବଇତୁଲାରେ ନମାଜ ପାଠ କରିବାପାଇଁ ଅନୁମତି ନଥିଲା । ଏପରି କି ଉମର୍ ମୁସଲମାନ ହୋଇଗଲେ, ଯେତେବେଳେ ସେ ମୁସଲମାନ ହେଲେ ସେତେବେଳେ ସେ ଅମାନ୍ୟକାରୀଙ୍କ ସହ ସଂଘର୍ଷ କଲେ ଫଳତଃ ସେମାନେ ଆମକୁ ଛାଡ଼ି ଦେଲେ ଏବଂ ଆମେ ସ୍ୱାଧିନ ଭାବରେ ନମାଜ ପାଠ କଲୁ ।

*(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ- ୧୪୩....... ବେରୁତ ୧୯୯୬)*

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ କୁହନ୍ତି ଯେତେବେଳେ ଉମର୍ ମୁସଲମାନ ହୋଇଗଲେ, ସେତେବେଳେ ଆମେ ସମ୍ମାନର ସହିତ କାଳତିପାତ କଲୁ ।

*(ସହି ବୁଖାରୀ..... ହଦିସ୍-୩୬୮୪)*

ଯଦିଓ ଅମାନ୍ୟକାରୀମାନେ ଆମ ଉପରେ ପୂର୍ବ ପରି କଷଣ ଅବ୍ୟାହତ ରଖିଥିଲେ କିନ୍ତୁ ପୂର୍ବ କଷଣ ପରି ତାହା ଆମକୁ ଅନୁଭବ ହେଉନଥିଲା । ଯଦିଚ ଇସ୍‌ଲାମ ପୃଷ୍ଠାରୁ ଏହାର ପ୍ରମାଣ ମିଳୁଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କୁ ମଧ୍ୟ ବିଭିନ୍ନ କଷଣ ଓ ଅତ୍ୟାଚାର ସହ୍ୟ କରିବାକୁ ପଡ଼ିଥିଲା ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ହୁଶାମ୍ ର:ଅ କୁହନ୍ତି ଆମେ ହଜୁର ସ:ଆ:ସଙ୍କ ସାଥିରେ ଥିଲୁ । ଆପଣ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କ ହସ୍ତ ଧରିଥିଲେ, ସେତେବେଳେ ସେ ହଜୁର ସ:ଆ:ସଙ୍କୁ ପଚାରିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ !

ଆପଣଙ୍କର ଅସ୍ତିତ୍ୱ ମୋ ନିକଟରେ ପ୍ରତ୍ୟେକ ବସ୍ତୁଠାରୁ ଅଧିକ ପ୍ରୀୟ କିନ୍ତୁ ମୋର ନିଜସ୍ୱ ବ୍ୟକ୍ତିତ୍ୱ ବ୍ୟତିତ, ଏଥିରେ ହଜୁର ସ:ଆ:ସ କହିଲେ, ଅତଏବ ହଜ୍‌ରତ୍ ଉମର୍ ର:ଅ କହିଲେ, ଅଲ୍ଲାଃଙ୍କ ରାଣ ! ଏବେ ଆପଣ ମତେ ମୋ ନିଜଠାରୁ ମଧ୍ୟ ଅଧିକ ପ୍ରୀୟ ହୋଇଯାଇଛନ୍ତି । ହଜୁର ସ:ଆ:ସ କହିଲେ ହଁ ଏବେ ଠିକ୍ ହେଲା । ହେ ଉମର୍, ଏବେ ଠିକ୍ ହେଲା ଉମର୍ । ***(ସହି ବୁଖାରୀ..... ହଦିସ୍-୬୬୩୨)*** ଏପରି ଥିଲା ବିଶ୍ୱାସର ସ୍ତର ସେହି ସାହାବାମାନଙ୍କର ଏବଂ ଏହିପରି ହିଁ ବିଶ୍ୱାସ ସ୍ତର ରହିବା ଉଚିତ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ର:ଅଙ୍କ ମଦିନା ପ୍ରବାସ କରିବା ପ୍ରସଙ୍ଗରେ ଅଲି ବିନ୍ ଅବୁ ତାଲିବ୍ କହିଲେ, ମୁଁ ପ୍ରବାସକାରୀଙ୍କ ମଧ୍ୟରୁ ଏପରି କାହାରିକୁ ଜାଣିନାହିଁ ଯିଏ ଲୁଚିଛପି ପ୍ରବାସ କରିନଥିବେ କିନ୍ତୁ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ଲୁଚି ଛପି ହିଜ୍‌ରତ୍ କରିନଥିଲେ । ଯେତେବେଳେ ଆପଣ ପ୍ରବାସ କରିବାର ମନସ୍ଥ କରିନେଲେ ସେତେବେଳେ ନିଜ ଖଣ୍ଡା ଓ ଧନୁତୀର ସାଥିରେ, କନ୍ତ ନେଇ ଖାନାକାବା ଗଲେ କୁରୈଶ୍‌ର ସର୍ଦ୍ଦାରମାନେ ଖାନାକାବାର ପ୍ରାଙ୍ଗଣରେ ଥିଲେ । ହଜ୍‌ରତ୍ ଉମର୍ ର:ଅ ଦର୍ପର ସହିତ କାବାକୁ ସାତଥର ପରିକ୍ରମଣ କଲେ । ତା'ପରେ ସେ ମକାମେ ଇବ୍ରାହିମ୍‌ରେ ତୃପ୍ତିର ସହିତ ନମାଜ ପାଠ କଲେ । ତା'ପରେ ପ୍ରତ୍ୟେକ ଗୋଷ୍ଠୀଙ୍କ ନିକଟରେ ଯାଇ ଘୋଷଣା କଲେ କି ଯିଏ କେହି କାମନା କରୁଛି ଯେ ତାହାର ମାତା ତାକୁ ହରାଉ, ତା'ର ସନ୍ତାନ ଅନାଥ ହେଉ ଓ ତା'ର ପତ୍ନୀ ବିଧବା ହେଉ ତେବେ ସେ ମୋତେ ଏହି ଉପତ୍ୟକା ଅତିକ୍ରମ କରି ତା'ର ଅପରପାର୍ଶ୍ୱରେ ସାକ୍ଷାତ କରିନେଉ । ହଜ୍‌ରତ୍ ଅଲୀ ର:ଅ କୁହନ୍ତି: ତାଙ୍କ ସହିତ ମାତ୍ର କିଛି ଦୂର୍ବଳ ମୁସଲମାନମାନଙ୍କ ବ୍ୟତିତ ଅନ୍ୟ କେହି ପଛ ଧରିନଥିଲେ । ଆପଣ ସେମାନଙ୍କୁ ଖବର ଦେଇ ଓ ତାଙ୍କ ମାର୍ଗଦର୍ଶନ କରି ନିଜ ରାସ୍ତାରେ ବାହାରିଗଲେ ।

***(ଉସଦୁଲ୍ ଗାବାଃ.... ଖଣ୍ଡ-୩, ପୃ-୬୪୮-୬୪୯..... ବେରୁତ ୨୦୦୩)***

ଏପରି ଆପଣଙ୍କ ମୁକ୍ତ କଣ୍ଠରେ ଘୋଷଣା କରି ପ୍ରବାସ କରିବାର କେବଳ ଏହି ଗୋଟିଏ ବର୍ଣ୍ଣନା ହିଁ ମିଳୁଅଛି କିନ୍ତୁ ଅଧିକାଂଶ ଜୀବନୀ ଲେଖାଳି ତହିଁରୁ ଭିନ୍ନ ମତ ପୋଷଣ କରନ୍ତି । ଉଦାହରଣ ସ୍ୱରୁପ ମୁହମ୍ମଦ ହୁସୈନ୍ ହେୟକଲ୍ ଏହି ତର୍କ କରିଛନ୍ତି ଯେ, ହଜୁର ସ:ଆ:ସ ଆପଣଙ୍କୁ ନିରବତାର ସହିତ ଲୁଚିଛପି ପ୍ରବାସ କରିବାର ଆଦେଶ ଦେଇଥିଲେ ଆପଣ ଉକ୍ତ ଆଦେଶର କିଭଳି ଅବମାନନା କରିପାରିଥାନ୍ତେ । ଅପରପକ୍ଷରେ ଏଥିସହ ତବ୍‌କାତୁଲ୍ ଇବ୍‌ନେ ସାଆଦ୍ ଓ ଇବ୍‌ନେ ହୁଶାମ୍‌ରେ ବିସ୍ତୃତ ଭାବରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅ ମଧ୍ୟ ଅନ୍ୟ ମୁସଲମାନମାନଙ୍କ ପରି ନୀରବତାର ସହିତ ପ୍ରବାସ କରିଥିଲେ । ସେ ଯାହା ହେଉନା କାହିଁକି ଯଦି ହଜ୍‌ରତ୍ ଅଲୀ ର:ଅଙ୍କ ବର୍ଣ୍ଣନାକୁ କିପରି ସଠିକ୍ ବୋଲି ବିବେଚିତ କରାଯାଏ, ତା'ହେଲେ ହଜ୍‌ରତ୍ ଉମର ର:ଅ କୌଣସି ଏକ ସମୟରେ ଛିଡ଼ା ହୋଇ ଏହି ଘୋଷଣା କରିଥିବେ ଅର୍ଥାତ ସର୍ବସାଧାରଣଙ୍କ ସମ୍ମୁଖରେ ଛିଡ଼ା ହୋଇ ହଜ୍‌ରତ୍ ଉମର୍ ଏପରି ଘୋଷଣା କରିଥିବେ ଓ ସେ ସେତେବେଳେ ପ୍ରବାସ କରିନଥିବେ । ସେ କାବାରେ ଛିଡ଼ା ହୋଇ ସର୍ଦ୍ଦାରମାନଙ୍କ ସମ୍ମୁଖରେ ଘୋଷଣା କରିଥିଲେ ଯେ, ମୁଁ ପ୍ରବାସ କରୁଅଛି ମତେ ରୋକିନେବ ତ ରୋକିନିଅ ସେ କିନ୍ତୁ ସେ ପର୍ଯ୍ୟନ୍ତ ପ୍ରବାସ କରିନଥିଲେ ଏବଂ ଯେତେବେଳେ ପ୍ରବାସର କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା ସେତେବେଳେ ନୀରବତାର ସହ ପ୍ରବାସ କରିଥିଲେ । ତେବେ ସେ ଯାହା ହେଉନା କାହିଁକି ହେୟକଲ୍‌ର କଥା ଦମ୍ ଥିଲା ଏବଂ ମୁଁ ଯେପରି ଉଲ୍ଲେଖ କଲି ଯେ, ତବ୍‌କାତ, ଇବ୍‌ନେ ସାଆଦ୍ ଓ ଇବ୍‌ନେ ହୁଶାମ୍‌ରେ ମଧ୍ୟ ଏହି ଉଲ୍ଲେଖ ରହିଛି ଏବଂ ଏଥିରୁ ଜଣାପଡୁଛି ଯେ, ହଜ୍‌ରତ୍ ଉମର୍ ର:ଅ ମଧ୍ୟ ଅନ୍ୟ ମୁସଲମାନମାନଙ୍କ ପରି ହଜୁର ସ:ଆ:ସଙ୍କ ଆଦେଶ କ୍ରମେ ନୀରବତାର ସହିତ ପ୍ରବାସ କରିଥିବେ । କାରଣ ମକ୍କାରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ତାହାକୁ ଦୃଷ୍ଟିରେ ରଖି ଖୁଲମ୍‌ଖୁଲା ଏପରି କରିବା ସମ୍ଭବ ନଥିଲା ବରଂ ଆମେମାନେ ଦେଖୁ ଯେ, ମକ୍କା ବୀଜୟ ପର୍ଯ୍ୟନ୍ତ ଯିଏ ବି ପ୍ରବାସ କଲା ସେ ଗୁପ୍ତ ରୂପେ ଓ ନୀରବତାର ସହିତ ପ୍ରବାସ କରୁଥିଲା । ସେ ଯାହା ହେଉ ନା କାହିଁକି ଯଦି ଏହାକୁ ସଠିକ୍ ବୋଲି ଗ୍ରହଣ କରିନିଆଯାଏ ତେବେ ହଜ୍‌ରତ୍ ଅଲୀ ର:ଅଙ୍କ ବର୍ଣ୍ଣନା ସଠିକ୍ ସାବ୍ୟସ୍ତ ହେବ । ବ୍ୟକ୍ତିଗତ କାର୍ଯ୍ୟ ହେଉ କିମ୍ୱା ପ୍ରକାଶ୍ୟ ସାକ୍ଷ୍ୟ ଏହା ହିଁ ରହିଛି ଏବଂ ଏଥିରୁ ପ୍ରମାଣିତ ହେଉଛି ଯେ, ଏହା ଠିକ୍ ନୁହେଁ ।

***(ଅଲ୍‌ଫାରୁକ୍ ଉମର୍......ଖଣ୍ଡ-୧, ପୃ-୫୩-୫୪..... ବେରୁତ ୨୦୦୭)***

ହଜ୍‌ରତ୍ ବରାଅ ବିନ୍ ଆଜିବ୍ ବର୍ଣ୍ଣନା କରନ୍ତି, ଆମ ନିକଟକୁ ସର୍ବପ୍ରଥମେ ଯେଉଁ ବ୍ୟକ୍ତିଜଣକ ହିଜ୍‌ରତ୍ କରି ଆସିଥିଲେ, ସେ ହେଉଛନ୍ତି ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍ ର:ଅ ଯିଏ ବନୁ ଅବ୍‌ଦଲ୍ ଦାର୍ ମଧ୍ୟରୁ ଜଣେ ଥିଲେ । ପୁନଶ୍ଚ ହଜ୍‌ରତ୍ ଇବ୍‌ନେ ଉମ୍ମେ ମକ୍‌ତୁମ୍ ଆସିଲେ ଓ ସେ ଅନ୍ଧ ଥିଲେ ଏବଂ ବନୁ ଫୈହେର୍ ସମ୍ପ୍ରଦାୟର ଥିଲେ । ପୁନଶ୍ଚ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ୨୦ ଜଣ ସାହାବାଙ୍କ ସହିତ ପ୍ରବାସ କରି ଆସିଥିଲେ । ଆମେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କହିଲେ, ଆପଣ ସ:ଆ:ସ ମୋ ପଛରେ ହିଁ ଆସୁଛନ୍ତି ଅର୍ଥାତ କିଛି ସମୟ ପରେ ଆସି ପହଂଚିବେ । ପୁନଶ୍ଚ କିଛି ସମୟ ପରେ ହଜୁର ସ:ଆ:ସଙ୍କର ଆଗମନ ହେଲା ଓ ହଜ୍‌ରତ୍ ଅବୁବକର ର:ଅ ହଜୁର ସ:ଆ:ସଙ୍କ ସାଥିରେ ଥିଲେ ।

***(ଉସଦୁଲ୍ ଗାବାଃ...... ଖଣ୍ଡ-୪, ପୃ-୧୪୫....... ବେରୁତ ୨୦୦୩)***

ଯଦି ଉକ୍ତ ଘଟଣା ସଠିକ୍ ତାହେଲେ ଅଧିକ ସମ୍ଭାବନା ରହିଛି ଯେ, ହଜ୍‌ରତ୍ ଉମର୍ ର:ଅ କୌଣସି ସମୟରେ କେଉଁ ଏକ ମଜ୍‌ଲିସ୍ (ସଭା)ରେ ପ୍ରବାସର ଚର୍ଚ୍ଚା କରିଦେଇଥିବେ । ଅବା ଆବେଗ ପ୍ରବଣ ହୋଇ ଏଭଳି ଘୋଷଣା କରିଦେଇଥିବେ କି ମତେ ଅଟକାଇ ଦେଖାଅ । କିନ୍ତୁ ପ୍ରବାସ ନୀରବତାର ସହିତ କରିଥିଲେ କାରଣ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ତାଙ୍କ ସହିତ ୨୦ ଜଣ ସାହାବା ମଧ୍ୟ ରହିଥିଲେ ଯେଉଁମାନଙ୍କ ସହିତ ସେ ପ୍ରବାସ କରିଥିଲେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ହିଁ ଭଲ ଭାବରେ ଜାଣନ୍ତି ଯେ, ପ୍ରକୃତ ଘଟଣା କଣ । ହଜ୍‌ରତ୍ ଉମର୍ ର:ଅ ମଦିନା ପହଂଚି କୁବାରେ ରିଫା ବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍‌ଙ୍କ ଅତିଥି ହୋଇଥିଲେ । ***(ସିରସ୍ ସାହାବା ଖଣ୍ଡ-୧, ପୃ-୯୩..... କରାଚି ୨୦୦୪)***

କୁବା ମଦିନାଠାରୁ ତିନିମାଇଲ ଦୁରରେ ଅବସ୍ଥିତ । ସେଠାରେ ଅନ୍‌ସାର୍‌ମାନଙ୍କର କିଛି ଖାନ୍‌ଦାନ୍ ବସବାସ କରୁଥିଲେ । ସେହି ଖାନ୍‌ଦାନ୍ ମଧ୍ୟରେ ଉମ୍‌ରୋ ବିନ୍ ଅଓଫ୍‌ଙ୍କ ବଂଶ ଶ୍ରେଷ୍ଠ ଥିଲା । ଏହି ବଂଶର ଅଧିପତି କୁଲ୍‌ସୁମ୍ ବିନ୍ ହିଦମ୍ ଥିଲେ । ହଜୁର ସ:ଆ:ସ କୁବାରେ ପହଂଚି ତାଙ୍କରି ଘରେ ଅଧିବାସ ଗ୍ରହଣ କରିଥିଲେ ।

***(ଫରହଙ୍ଗ୍ ସିରତ୍ ପୃଷ୍ଠା-୨୩୦)***

ହଜ୍‌ରତ୍ ଉମର୍ ର:ଅଙ୍କ ମୁଆଖାତ୍ ଅର୍ଥାତ ମୈତ୍ରିକ ସମ୍ପର୍କ ସମ୍ୱନ୍ଧରେ ଅନେକ ବର୍ଣ୍ଣନା ଦେଖିବାକୁ ମିଳେ । ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଅବୁବକର ର:ଅଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । କିନ୍ତୁ ଏହି ମୈତ୍ରିକ ସମ୍ପର୍କ ମଧ୍ୟ ଦୁଇଥର ହୋଇଥିଲା, ଥରେ ପ୍ରବାସ ପରେ ମଦିନାରେ ହୋଇଥିଲା ଏବଂ ଆଉଥରେ ମକ୍କାରେ ସେତେବେଳେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ନିଜ ସହିତ ହଜ୍‌ରତ୍ ଅଲୀ ର:ଅଙ୍କୁ ରଖିଥିଲେ ଏବଂ ହଜ୍‌ରତ୍ ଅବୁବକର ର:ଅଙ୍କ ହଜ୍‌ରତ୍ ଉମର୍ ର:ଅ ସହିତ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ସେ ଯାହା ହେଉ ନା କାହିଁକି ଏହି ଦୁଇଟି ହେଉଛି ଭିନ୍ନ ଭିନ୍ନ ମୈତ୍ରିକ ସମ୍ପର୍କର ବର୍ଣ୍ଣନା ପୁଣି ମଦିନାର ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ପ୍ରବାସ ପରେ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ହଜ୍‌ରତ୍ ଉତ୍ୱେମ୍ ବିନ୍ ସାଇଦା ର:ଅଙ୍କର ମୁଆଖାତ୍ ସ୍ଥାପନ କରିଥିଲେ । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ଉମର୍ ର:ଅଙ୍କ ମୁଆଖାତ୍ ଅର୍ଥାତ ମୈତ୍ରିକ ସମ୍ପର୍କ ହଜ୍‌ରତ୍ ଇତ୍‌ବାନ୍ ବିନ୍ ମାଲିକ ର:ଅଙ୍କ ସହିତ ସ୍ଥାପନ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁସାରେ ହଜ୍‌ରତ୍ ଉମର୍ ର:ଅଙ୍କ ମୁଆଖାତ୍ ହଜ୍‌ରତ୍ ମୁଆଜ୍ ବିନ୍ ଅପ୍‌ରାଆ ର:ଅଙ୍କ ସହିତ ସ୍ଥାପନ କରିଥିଲେ । ***(ସୁବୁଲୁଲ୍ ହୁଦା..... ଖଣ୍ଡ-୩..... ବେରୁତ ୧୯୯୩) (ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୨୦୬.... ବେରୁତ ୨୦୧୨)***

ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ଉଲ୍ଲେଖ କରିଛନ୍ତି ଯେ,ହଜ୍‌ରତ୍ ଉମର୍ ର:ଅଙ୍କ ମୈତ୍ରିକ ସମ୍ପର୍କ ହଜ୍‌ରତ୍ ଇତ୍‌ବାନ୍ ବିନ୍ ମାଲିକ୍‌ଙ୍କ ସହିତ କରାଯାଇଥିଲା । ***(ସିରତ୍ ଖାତ୍‌ମୁନ୍ ନବିୟିନ୍ ପୃ-୨୭୭)***

ଅଜାନ୍‌ର ପ୍ରାରମ୍ଭ ସମ୍ପର୍କରେ ଏକ ବର୍ଣ୍ଣନା ଏହିପରି ଉଲ୍ଲେଖ ରହିଛି ଯେ, ମୁହମ୍ମଦ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି । ଆମେମାନେ ସକାଳେ ହଜୁର ସ:ଆ:ସଙ୍କ ନିକଟକୁ ଆସିଲୁ ଏବଂ ମୁଁ ଆପଣଙ୍କୁ ସ୍ୱପ୍ନ ଶୁଣାଇଲି ଏହା ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ସମ୍ପର୍କରେ ମଧ୍ୟ ଚର୍ଚ୍ଚା ହୋଇସାରିଛି କିନ୍ତୁ ଏଠାରେ ହଜ୍‌ରତ୍ ଉମର୍ ର:ଅଙ୍କ ଚର୍ଚ୍ଚା ଚାଲିଛି ତେଣୁ ତାହାର ଏଠାରେ ସଂକ୍ଷିପ୍ତ ଚର୍ଚ୍ଚା କରିଦେଉଛି । ଅତଏବ ହଜୁର ସ:ଆ:ସ କହିଲେ, ନିଃସନ୍ଦେହ ଉକ୍ତ ସ୍ୱପ୍ନଟି ସତ୍ୟ ଅଟେ । ତୁମେ ହଜ୍‌ରତ୍ ବିଲାଲ୍ ର:ଅଙ୍କ ସହିତ ଯାଅ କାରଣ ତୁମ ଅପେକ୍ଷା ବିଲାଲ୍‌ଙ୍କର ସ୍ୱର ଅଧିକ ଉଚ୍ଚ ଅଟେ । ତେଣୁ ସେ ନମାଜ ନିମନ୍ତେ ଅଜାନ୍ ଦେବେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ କୁହନ୍ତି ହଜ୍‌ରତ୍ ଉମର୍ ର:ଅ ନମାଜ ପାଇଁ ଯେତେବେଳେ ହଜ୍‌ରତ୍ ବିଲାଲ୍‌ଙ୍କ ସ୍ୱର ଶୁଣିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ଆପଣ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ସେହି ସତାଙ୍କ ରାଣ ଖାଇ କହୁଛି ଯିଏ ଆପଣଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି ଯେପରି ସେ ଅଜାନ୍‌ର ଶବ୍ଦ ପ୍ରୟୋଗ କରିଛନ୍ତି ମୁଁ ମଧ୍ୟ ସ୍ୱପ୍ନରେ ସେହିପରି ଶବ୍ଦ ଦେଖିଛି । ରାଓ୍ୱି କୁହନ୍ତି ଯେ, ହଜୁର ସ:ଆ:ସ କହିଲେ ସକଳ ପ୍ରଶଂସା ସେହି ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ କଥାଟି ଅଧିକ ଦୃଢ଼ତାର ସହ ସତ୍ୟ ସାବ୍ୟସ୍ତ ହେଲା ।

***(ସୁନନେ ତିର୍‌ମିଜି..... ହଦିସ୍-୧୮୯)***

ଉକ୍ତ କଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ "ରସୁଲେ କରିମ୍ ସ:ଆ:ସଙ୍କ ସମୟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ନାମକ ଜଣେ ସାହାବି ଥିଲେ । ସ୍ୱପ୍ନାଦେଶ ମାଧ୍ୟମରେ ଅଲ୍ଲାଃ ତାଲା ତାଙ୍କୁ ଅଜାନ୍ ଶିଖାଇଥିଲେ ଏବଂ ହଜୁର ସ:ଆ:ସ ତାଙ୍କରି ସ୍ୱପ୍ନ ଉପରେ ଆଧାର କରି ମୁସଲମାନମାନଙ୍କୁ ଅଜାନ୍ ଦେବାକୁ ଆଦେଶ ଦେଇଥିଲେ । ପରବର୍ତୀ ସମୟରେ ପବିତ୍ର କୁର୍‌ଆନ୍‌ରେ ଐଶିବାଣୀ ମଧ୍ୟ ଉକ୍ତ କଥାର ପୁଷ୍ଟି କରିଥିଲା । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଅଲ୍ଲାଃ ତାଲା ମଧ୍ୟ ମତେ ଏହି ଅଜାନ୍‌ର ଶବ୍ଦ ଶିଖାଇଥିଲେ କିନ୍ତୁ ମୁଁ ୨୦ ଦିନ ପର୍ଯ୍ୟନ୍ତ ନୀରବ ରହିଥିଲି କାରଣ ମୁଁ ଭାବିଲି ଯେ, ମୋ ପୂର୍ବରୁ ଅନ୍ୟ କେହିଜଣେ ବ୍ୟକ୍ତି ଏକଥା ରସୁଲେ କରିମ୍ ସ:ଆ:ସଙ୍କୁ କହିଦେଇଛନ୍ତି । ଉକ୍ତ କଥା ଆଡ଼କୁ ଏହି ହଦିସ୍‌ରେ ଇସାରା ମିଳୁଛି ଯେ, **ଅଲ୍‌ମୁମିନୁ ୟରା ଅଓ ୟୁରା ଲହୁ** ଅର୍ଥାତ ବିଶ୍ୱାସକାରୀଙ୍କୁ ବେଳେବେଳେ ସିଧାସଳଖ ସୂଚନା ପ୍ରଦାନ କରାଯାଇଥାଏ ଓ ବେଳେବେଳେ ଅନ୍ୟ ବ୍ୟକ୍ତିଙ୍କ ମାଧ୍ୟମରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥାଏ । ***(ତଫ୍‌ସୀର୍ କବିର ଖଣ୍ଡ-୭, ପୃ-୬୨୪-୬୨୫)***

ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କିତ ଅବଶିଷ୍ଟ ଘଟଣାବଳୀ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରାଯିବ ।

ବର୍ତମାନ ମୁଁ ସଂକ୍ଷିପ୍ତ ରୂପେ ଏହି କଥା ଆଡ଼କୁ ଦୃଷ୍ଟି ଆକର୍ଷିତ କରିବାକୁ ଚାହୁଁଛି

ଯେ, ଆଜି ରମ୍‌ଜାନ ମାସର ଶେଷ ଜୁମା ଏହାକୁ କେବଳ ରମ୍‌ଜାନ ମାସର ଶେଷ ଜୁମା ଭାବନ୍ତୁ ନାହିଁ ବରଂ ଏହି ଜୁମା ଆମମାନଙ୍କ ପାଇଁ ଆଗାମି ଦିନଗୁଡ଼ିକ ନିମନ୍ତେ ନୂତନ ମାର୍ଗ ନିୟୋଜିତକାରୀ ହେବ । ରମ୍‌ଜାନ ମାସରେ ଯେଉଁ କଥା ଆଡ଼କୁ ଆମ ଧ୍ୟାନ ଆକର୍ଷିତ ହୋଇଛି, ଯେଉଁ ପୂଣ୍ୟ କରିବାର ଆମକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି ସେହି ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବା ଏବଂ ସେଥିପ୍ରତି ପ୍ରୟାସ କରିବା ଉଚିତ ତଥା ସେଥିରେ ଉନ୍ନତି କରିବାପାଇଁ ଉଦ୍ୟମ କରିବା ଉଚିତ । ଆମେମାନେ ଯଦି ଏହି ପୂଣ୍ୟାବଳୀଗୁଡ଼ିକୁ ଓ ପବିତ୍ର ପରିବର୍ତନଗୁଡ଼ିକୁ ବଜାୟ ରଖିବା ଓ ତହିଁରେ ଆଗକୁ ଅଗ୍ରସର ହେବା ତେବେ ତାହା ଆମ୍ଭମାନଙ୍କ ପାଇଁ ହିଁ ଲାଭ ଦାୟକ ସାବ୍ୟସ୍ତ ହେବ । ଗତ ଖୁତ୍‌ବରେ ମୁଁ ଦରୁଦ୍ ଶରିଫ୍ ଓ ଇସ୍ତେଗ୍‌ଫାର ଆଡ଼କୁ ଦୃଷ୍ଟି ଆକର୍ଷଣ କରିଥିଲି ତାହା କେବଳ ରମ୍‌ଜାନ ମାସ ମଧ୍ୟରେ ସିମୀତ ନ ରହୁ । ରମ୍‌ଜାନ ମାସ ଅତିବାହିତ କଲାପରେ ଆମେମାନେ ପୁଣି ସାଂସାରିକ କାର୍ଯ୍ୟରେ ଲିପ୍ତ ହୋଇନଯାଉ । ଦୁଆ ଓ ଇସ୍ତେଗ୍‌ଫାରକୁ ଭୂଲି ନଯାଉ । ଏଥିପ୍ରତି ବିଶେଷ ଧ୍ୟାନ ଉଚିତ । ପ୍ରତ୍ୟେକ ଯୁଗରେ ଯେତେବେଳେ ଦଜ୍ଜାଲ୍ ଉପଦ୍ରବ ଓ କୁମନ୍ତ୍ରଣାର ନୂଆ ନୂଆ ନବ ନବ କୌଶଳ ପ୍ରୟୋଗ କରୁଛି । ସାଂସାରିକ ଚାକଚକ୍ୟ ଦ୍ୱାରା ଅନେକକୁ ନିଜ ଆଡ଼କୁ ଆକର୍ଷିତ କରିଚାଲିଛି, ସେତେବେଳେ ଆମର ଛୋଟ ପିଲା ଓ ଯୁବପୀଢ଼ୀ ମଧ୍ୟ ବେଳେବେଳେ ଏହାର ପ୍ରଭାବରେ ପ୍ରଭାବିତ ହୋଇଯାଉଛନ୍ତି । ଏହି ପରିପ୍ରେକ୍ଷୀରେ ଆମକୁ ନିଜ ପାଇଁ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃ ତାଲା ଆମମାନଙ୍କୁ ସେହି ଶୋଚନୀୟ ଓ ଦଜ୍ଜାଲ୍‌ର ଆକ୍ରମଣରୁ ସୁରକ୍ଷିତ ରଖନ୍ତୁ ।

ନିଜ ସନ୍ତାନମାନଙ୍କୁ ନିଜ ସହିତ ସଂଶ୍ଳିଷ୍ଟ କରି ସେମାନଙ୍କ ସହିତ ବିଶେଷ ସମ୍ପର୍କ ସ୍ଥାପନ କରି । ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ଓ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ପର୍କରେ ଅବଗତ କରିବାର ମଧ୍ୟ ଆବଶ୍ୟକତା ରହିଛି । ପୁଣି ନିଜ ସନ୍ତାନମାନଙ୍କ ମନରେ ପୂର୍ଣ୍ଣ ବିଶ୍ୱାସ ଜାତ କରାନ୍ତୁ । ଏତଦ୍‌ପରେ ସେମାନଙ୍କୁ ଏଭଳି ଅଲ୍ଲାଃଙ୍କ ସହିତ ସଂଶ୍ଳିଷ୍ଟ କରନ୍ତୁ ଯେ, ସେମାନଙ୍କର କୌଣସି କାର୍ଯ୍ୟ ଓ ଭାବନା ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ବିରୁଦ୍ଧୀୟ ନ ହେଉ । ଶିକ୍ଷା ବିରୁଦ୍ଧ ନ ହେଉ । ତାଙ୍କ ନିକଟରେ ପ୍ରତ୍ୟେକ ସାଂସାରିକ ଚିନ୍ତା ଓ ଉପଦ୍ରବର ସମାପ୍ତି ଘଟୁ । ଏପରି ନ ହେଉ କି, କେତେକ ପ୍ରଶ୍ନର ଉତର ସେମାନଙ୍କୁ ଆସୁନଥିବା ଯୋଗୁଁ ଅନ୍ୟମାନଙ୍କ ଦ୍ୱାରା ସେମାନେ ପ୍ରଭାବିତ ହୋଇଯିବେ । ତେଣୁ ସେମାନଙ୍କ ନିକଟର ସମସ୍ତ ସାଂସାରିକ ପ୍ରଶ୍ନର ଉତର ରହିବା ଆବଶ୍ୟକ ଯଦ୍ୱାରା ସେମାନେ ସ୍ୱୟଂମକୁ ସେହି ଉପଦ୍ରବରୁ ସୁରକ୍ଷିତ ରଖିପାରିବେ ଏବଂ ଏହା ହିଁ ଆମମାନଙ୍କର ଆଗାମୀ ବଂଶଧରଙ୍କର ଜୀବନକୁ ସୁଧାରି ପାରିବ । ସେମାନଙ୍କ ସ୍ଥାୟିତ୍ୱ ପ୍ରତି ଯତ୍ନବାନ ହେବା ଉଚିତ । ଏହା ହିଁ ନିଜ ବଂଶଧରକୁ ପ୍ରତ୍ୟେକ ପ୍ରକାର ଉପଦ୍ରବରୁ ରକ୍ଷା କରିବାରେ ସଠିକ୍ ମାର୍ଗ ଦର୍ଶନ ସାବ୍ୟସ୍ତ ହେବ । କିନ୍ତୁ ଏହା ସେ ପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଆମେମାନେ ସ୍ୱୟମ ବିଶ୍ୱାସ ଓ ଆସ୍ଥାର ସ୍ତର ପର୍ଯ୍ୟନ୍ତ ଉନ୍ନୀତ ନ ହୋଇଛେ । ଏହା ହିଁ ଜଣେ ବିଶ୍ୱାସକାରୀର ପଦବାଚ୍ୟ । ଏହା ସେତେବେଳେ ଯାଇ ସମ୍ଭବ ହେବ ଯେତେବେଳେ ଆମମାନଙ୍କର ସମ୍ପର୍କ ଅଲ୍ଲାଃ ତାଲାଙ୍କ ସହିତ ସୁଦୃଢ଼ ହେବ । ଆମମାନଙ୍କର ନମାଜ ହିଁ ଆମ ଉପାସନାର ସ୍ତର ନିର୍ଦ୍ଧାରିତ କରିବ । ଆମେମାନେ ନିଜର ଏହି ଦାୟିତ୍ୱକୁ ହୃଦୟଙ୍ଗମକାରୀ ରୂପେ ପରିଣତ ହେବୁ । ଅର୍ଥାତ ଆମେମାନେ କାହିଁକି ବୟତ କଲୁ, ତାହାର ଗୁରୁତ୍ୱ କଣ, ସେଥିପ୍ରତି ଆମମାନଙ୍କର କଣ ଦାୟିତ୍ୱ ରହିଛି ? ନିଜର ବିଶ୍ୱାସକୁ ଦୃଢ଼ କରି ନିଜର କର୍ମ ଉପରେ ସର୍ବଦା ଦୃଷ୍ଟି ନିକ୍ଷେପ ରଖିବା ନିଜର ବଂଶଧରକୁ ସୁରକ୍ଷିତ ରଖିବାପାଇଁ ଉଦ୍ୟମ କରିବା, ଲଜ୍ଜ୍ୟାହୀନତା ଏବଂ ବାଜେ କଥାର ଆଜିକାଲି ଯେପରି ବହୁଳତା ରହିଛି ଯାହାକି ପୂର୍ବେ ଏପରି ନଥିଲା ସମସ୍ତଙ୍କ ଘରେ ଦୁରଦର୍ଶନ ମାଧ୍ୟମରେ ଏବଂ ଇଂଟରନେଟ୍ ମାଧ୍ୟମରେ ଏହି ଲଜ୍ଜ୍ୟାହୀନ ଓ ବାଯ୍ୟ କଥାର ଖବର ପହଁଚୁଅଛି । ପୂର୍ବେ ବାହାରକୁ ଯିବାର ଭୟ ଲାଗି ରହୁଥିଲା କିନ୍ତୁ ବର୍ତମାନ ତ ଘର ଭିତରେ ହିଁ ଭୟ ଓ ଆଶଙ୍କା ଭରି ରହିଛି । ପିଲାମାନେ ଲୁଚି ଛପି ଗୋପନରେ ଗଣମାଧ୍ୟମ ଓ ଇଂଟରନେଟ୍ ବ୍ୟବହାର କରୁଛନ୍ତି ଯାହା ଫଳରେ ଅଭିଭାବକମାନେ ଜାଣିପାରୁନାହାନ୍ତି ଯେ, ସେମାନଙ୍କର ସନ୍ତାନମାନଙ୍କର ଅବସ୍ଥା କଣ ? ଅତଏବ ଏଥିପ୍ରତି ମଧ୍ୟ ଅଧିକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ।

ଯେଉଁ ପୂର୍ବପୁରୁଷ ଓ ପ୍ରାରମ୍ଭିକ ଅହେମଦୀ କିମ୍ବା ସେହି ଅହେମଦୀଙ୍କ ସନ୍ତାନମାନେ ଯେଉଁମାନେ ସ୍ୱୟମ ବୟତ କରି ସିଲ୍‌ସିଲା ଅହେମଦୀୟାରେ ସାମିଲ ହୋଇଛନ୍ତି । ଯୁଗାବତାରଙ୍କୁ ସ୍ୱୀକାର କରିଛନ୍ତି । ନିଜ ବିଶ୍ୱାସକୁ ସୁରକ୍ଷିତ ରଖିବାପାଇଁ ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିଛନ୍ତି ଏବଂ ବଳିଦାନ ମଧ୍ୟ ଦେଇଛନ୍ତି, ସେମାନଙ୍କୁ ସର୍ବଦା ମନେ ରଖିବା ଉଚିତ ଯେ, ସେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଇ ନିଜର ଅବସ୍ଥା ପ୍ରତି ଧ୍ୟାନ ଦିଅନ୍ତୁ ତାହେଲେ ଯାଇ ଆମେମାନେ ନିଜକୁ ସୁରକ୍ଷିତ ରଖିପାରିବା ଓ ନିଜର ଆଗାମୀ ପୀଢ଼ୀକୁ ମଧ୍ୟ ସୁରକ୍ଷିତ କରିପାରିବା । କୌଣସି ଖାନ୍‌ଦାନ୍ ତାହା ବୁଜ୍‌ରୁଗ୍‌ମାନଙ୍କ ଖାନ୍‌ଦାନ୍ ହୋଇଥାଉ ବା କୌଣସି ବୁଜ୍‌ରୁଗ୍‌ଙ୍କ ସନ୍ତାନ ହୁଅନ୍ତୁ, ତାଙ୍କୁ ତାଙ୍କର ଖାନ୍‌ଦାନ୍ ବା ବଂଶ ପରମ୍ପରା ଏ ଜମାନତ୍ ଦେଇପାରିବ ନାହିଁ ଯେ ଜରୁର୍ ଅଲ୍ଲାଃ ତାଲା ସେମାନଙ୍କୁ ସଫଳ କରିବ ବା ସେମାନଙ୍କ ଉପରେ ପ୍ରସନ୍ନ ହେବେ । ପ୍ରତ୍ୟେକ ବ୍ୟକ୍ତିର କର୍ମ ହିଁ ତା'ର କର୍ତବ୍ୟ ହେବା ଉଚିତ । ଅହେମଦୀ ସର୍ବଦା ଅଲ୍ଲାଃ ତାଲାଙ୍କ ମର୍ଯ୍ୟାଦା ଓ ତାଙ୍କୁ ପ୍ରସନ୍ନ କରିବା ପ୍ରତି ଆମେ ଯତ୍ନବାନ ହେବା ଉଚିତ ଏବଂ ଏହା ହିଁ ପ୍ରତ୍ୟେକ ବ୍ୟକ୍ତିର କର୍ମ । ଅଲ୍ଲାଃ ତାଲା ଆମ ଉପରେ ପ୍ରସନ୍ନିତ ରୁହନ୍ତୁ, ତାଙ୍କର ଆମେ ପ୍ରତିଭାଜନ ଲାଭକାରୀ ହେଉ ଆମମାନଙ୍କର କର୍ମ ହିଁ ଆମକୁ ରକ୍ଷା କରିବ । କୌଣସି ଉଚ୍ଚବଂଶ କିମ୍ବା ମର୍ଯ୍ୟଦା, କି ଆଭିଜାତ୍ୟ, କି ପୂରାତନ ଅହେମଦୀ ହେବା ଆମକୁ ସେଥିରୁ ବଂଚେଇ ପାରିବନାହିଁ । ଅତଏବ ଏଥିପ୍ରତି ଅଲ୍ଲାଃ ତାଲାଙ୍କର ନିକଟରେ ସର୍ବଦା ପ୍ରାର୍ଥନା କରିବା ଉଚିତ । ନିଜର ଦୃବଳତା ଉପରେ ସର୍ବଦା ଦୃଷ୍ଟି ରଖିବା ଉଚିତ । ନିଜର ସନ୍ତାନମାନଙ୍କୁ ସଂସାର ଅପେକ୍ଷା ଧର୍ମର ଉନ୍ନତି ପାଇଁ ପ୍ରାର୍ଥନା କରିବା ଉଚିତ । ଅତଏବ ଧର୍ମର ଉତ୍‌ଥାନ ପାଇଁ ଅଧିକ ପ୍ରାର୍ଥନା କରିବା ଉଚିତ ।

ସେହିପରି ଯେଉଁମାନେ ସ୍ୱୟମ ଅହେମଦୀ ହୋଇଛନ୍ତି ସେମାନଙ୍କୁ ମଧ୍ୟ ନିଜର ଚିନ୍ତାଧାରାକୁ ଓ ନିଜ କର୍ମକୁ ସୁଦୃଢ଼ ଓ ସୁବାଶିତ କରିବା ଉଚିତ । ତେବେ ଯାଇ ଆମେମାନେ ତିଷ୍ଠିପାରିବା ଓ ଆମମାନଙ୍କର ବଂଶଧରମାନେ ତିଷ୍ଠିପାରିବେ ଅତଏବ ରମ୍‌ଜାନ ମାସର ଏହି ଅବଶିଷ୍ଟ ଦିନରେ ଏଥପ୍ରତି ବହୁଳ ଦୁଆ କରନ୍ତୁ କି ଅଲ୍ଲାଃ ତାଲା ଆମ ଓ ଆମ ବଂଶଧରର ସୁରକ୍ଷା କରନ୍ତୁ । ଆମକୁ ସେଥିରୁ ଉଦ୍ଧାର କରନ୍ତୁ । ଯାହାକି ସଇତାନର ମାର୍ଗ ଅଟେ ଆମର ଆଧ୍ୟାତ୍ମିକ ଉନ୍ନତି ଘଟୁ । ରମ୍‌ଜାନ ମାସ ପରେ ମଧ୍ୟ ଆମମାନଙ୍କର ଉପାସନାର ସ୍ତର ଉଚ୍ଚରୁ ଉଚ୍ଚତର ହେବା ଉଚିତ । ଆମମାନଙ୍କର ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ଦୃଢ଼ ହେବା ଉଚିତ । ଦଜ୍ଜାଲ୍‌ର ଫସାଦ୍ ଅର୍ଥାତ ବିଭ୍ରାଟରୁ ସୁରକ୍ଷିତ ରହିବା ଉଚିତ । କେବଳ ସାଂସାରିକ ମୋହମାୟା ଓ ସୁଖସ୍ୱାଚ୍ଛନ୍ଦ୍ୟ ଆମମାନଙ୍କର ଲକ୍ଷ୍ୟ ନ ହେଉ ବରଂ ଅଲ୍ଲାଃ ତାଲା ଆମମାନଙ୍କୁ ଏହି ଧାର୍ମିକ ଓ ସାଂସାରିକ କଲ୍ୟାଣ ଦ୍ୱାରା ସମ୍ମାନୀତ କରନ୍ତୁ । ଆମମାନଙ୍କୁ ଅଲ୍ଲାଃ ତାଲାଙ୍କ ସର୍ବଦା କୃତଜ୍ଞତା ଜ୍ଞାପନ କରିବା ଉଚିତ ଏବଂ ନିଜ ଆଗରେ ଆନତ ହେବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସର୍ବଦା ନିଜର ଉପାସନାକାରୀ ଭକ୍ତ ଭାବରେ ଆମକୁ ରଖିଥାନ୍ତୁ । ସେହିପରି ଏହି କଥା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ଚାହୁଁଛି ଯେ, ଆଜିକାଲି ଯେଉଁ କରୋନା ଭୁତାଣୁ ମହାମାରୀ ରୋଗ ବ୍ୟାପିଛି ଯାହା ସାରା ଦୁନିଆକୁ ନିଜ ଆୟତରେ ନିୟନ୍ତ୍ରଣ କରି ସାରିଲାଣି ଓ ଅନେକ ଲୋକଙ୍କୁ ସଂକ୍ରମିତ କରିଚାଲିଛି । ତହିଁରୁ ବର୍ତିବାପାଇଁ ଏବଂ ଅଲ୍ଲାଃ ତାଲାଙ୍କର କୃପା ପ୍ରାପ୍ତି କରିବାପାଇଁ ମଧ୍ୟ ବିଶେଷ ରୂପେ ଦୁଆ କରିବାର ଆବଶ୍ୟକତା ରହିଛି । ସେହିପରି ଯେଉଁ ରାଷ୍ଟ୍ରର ଅହେମଦୀମାନଙ୍କର ଘୋର ବିରୋଧ ଚାଲିଛି, ସେମାନଙ୍କ ଜୀବନକୁ ସଂକୁଚିତ କରିଦିଆଯାଉଛି, ସେମାନଙ୍କ ପାଇଁ ବିଶେଷ ଦୁଆ କରନ୍ତୁ ଅଲ୍ଲାଃ ତାଲା ସେମାନଙ୍କ ପାଇଁ ସହଜତାର ମାର୍ଗ ଉନ୍ମୁକ୍ତ କରନ୍ତୁ । ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନଙ୍କୁ ବିଶେଷ କରି ଏହି ଦିନମାନଙ୍କରେ ଦୁଆ ପ୍ରତି ବିଶେଷ ମନଯୋଗ କରିବାର ଆବଶ୍ୟକତା ରହିଛି । ଇନ୍‌ଶାଅଲ୍ଲାଃ ତାଲା ଆମ ମାନଙ୍କର ଏହି ଦୁଆ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରିବାର ଉଦ୍ୟମ, ଶତୃର ପ୍ରତ୍ୟେକ ଯୋଜନା ଓ ଷଡ଼ଯନ୍ତ୍ରକୁ ପଣ୍ଡ କରିବାରେ ଫଳପ୍ରଦ ସାବ୍ୟସ୍ତ ହେବ । **ରବ୍‌ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବି ଫହ୍‌ଫିଜ୍‌ନି ୱ୍ୱନ୍‌ସୁର୍‌ନି ୱ୍ୱର୍‌ହମ୍‌ନି** ଏବଂ **ଅଲ୍ଲାହୁମ୍ମା ଇନ୍ନା ନଜ୍‌ଆଲୁକା ଫି ନୁହୁରିହିମ୍ ୱ୍ୱ ନଉଜୁବିକା ମିନ୍ ଶୁରୁରିହିମ୍** ଏହି ଦୁଆକୁ ଅଧିକରୁ ଅଧିକ ପଢ଼ନ୍ତୁ ତତ୍‌ସହିତ ଏହା ସ୍ମରଣ ରଖନ୍ତୁ କେବଳ ମୌଖିକ ଦୁଆ ଫଳପ୍ରଦ ହେବନାହିଁ । ଲୋକମାନେ ପତ୍ର ମାଧ୍ୟମରେ ମଧ୍ୟ ପଚାରୁଛନ୍ତି ଯେ, ମୁଁ କେଉଁ ଦୁଆ କରିବି ? ଯେପର୍ଯ୍ୟନ୍ତ ଆମେମାନେ ନିଜର ନମାଜକୁ ସଜାଡ଼ି ନାହୁଁ ଅଲ୍ଲାଃ ତାଲା ଓ ଭକ୍ତମାନଙ୍କର କର୍ତବ୍ୟ ସମ୍ପାଦନ କରୁନାହେଁ ସେଯପର୍ଯ୍ୟନ୍ତ କେବଳ ମୌଖିକ ଦୁଆ କରିବା ଫଳପ୍ରଦ ସାବ୍ୟସ୍ତ ହେବନାହିଁ । ରମ୍‌ଜାନ ମାସରେ ଯେଭଳି ନମାଜର ବ୍ୟବସ୍ଥା କରିଥିଲେ ସେହିପରି ବ୍ୟବସ୍ଥା ରମ୍‌ଜାନ ପରେ ମଧ୍ୟ ଅଭ୍ୟାହତ ରଖିବା ଉଚିତ ତେବେ ଯାଇ ଅଲ୍ଲାଃ ତାଲାଙ୍କର କୃପା ଓ ସାହାର୍ଯ୍ୟ ତଥା ଅନୁକମ୍ପାକୁ ଆମେ ନିଜ ପାଇଁ ଟାଣିଆଣିବା ।

ସେହିପରି ପ୍ରତ୍ୟେକ ପ୍ରକାର ଉପଦ୍ରବଠାରୁ ସୁରକ୍ଷିତ ରହିବାପାଇଁ ବହୁତ ଦୁଆ କରନ୍ତୁ । ଅଲ୍ଲାଃ ତାଲା ଆମମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ଏହି ରମ୍‌ଜାନ ମାସର ଅବଶିଷ୍ଟ ଚାରି ପାଂଚଟି ରୋଜା ସୁରୁଖୁରୁରେ ରଖିପାରିବା ଓ ପୂନଶ୍ଚ ରମ୍‌ଜାନ ପରେ ଏହି ପୂଣ୍ୟାବଳୀଗୁଡିକ ଆମର ଅଭ୍ୟାହତ ରହିଥାଉ । ଏହା ମଧ୍ୟ ସ୍ମରଣ ରଖନ୍ତୁ ଯେ, ଆମେମାନେ ଦୁଆର ପରଧିକୁ ଯେତେ ବ୍ୟାପକ କରିବା ଆମମାନଙ୍କ ଉପରେ ଅଲ୍ଲାଃ ତାଲାଙ୍କର କୃପା ସେତିକି ଅଧକରୁ ଅଧିକ ଅବତୀର୍ଣ୍ଣ ହେବ । ବିଶେଷ ରୂପେ ପ୍ରତ୍ୟେକ ଅହେମଦୀଙ୍କୁ ପ୍ରତ୍ୟେକ ଦୁଃଖକଷ୍ଟ ଦୁର ହେବାପାଇଁ ଦୁଆ କରିବା ଉଚିତ । ଏହା ଦ୍ୱାରା ଅପ୍ରତ୍ୟାଶିତ ରୂପେ ପାରସ୍ପରିକ ପ୍ରେମ ଓ ଭାତୃତ୍ୱର ପରିବେଶ ମଧ୍ୟ ସୃଷ୍ଟି ହେବ । ଅଲ୍ଲାଃ ତାଲାଙ୍କ କୃପାରୁ ଅଂଶ ତ ମିଳିବ ହିଁ ମିଳିବ କିନ୍ତୁ ଏକ ବ୍ୟବହାରିକ ଲାଭ ଏହା ମିଳିବ ଯେ ଆମମାନଙ୍କ ମଧ୍ୟରେ ଅଧିକରୁ ଅଧିକ ପ୍ରେମ ଓ ସ୍ନେହଭାବ ସୃଷ୍ଟି ହେବ ।

ସାଧାରଣ ରୂପେ ମୁସଲମାନ ସମ୍ପ୍ରଦାୟ ପାଇଁ ମଧ୍ୟ ଦୁଆ କରନ୍ତୁ । ମୁସଲମାନ ସମ୍ପ୍ରଦାୟ ଯେଉଁ ଆଡ଼କୁ ଆଗ୍ରସର ହେଉଛି ଓ ଯୁଗାବତାରଙ୍କର ପ୍ରତ୍ୟାଖ୍ୟାନ କରି ନିଜର ଇହଧାମ ଓ ପରକାଳକୁ ସର୍ବନାଶ କରୁଅଛି, ଅଲ୍ଲାଃ ତାଲା ସେମାନଙ୍କୁ ତହିଁରୁ ରକ୍ଷା କରନ୍ତୁ । ମାନବଜାତି ପାଇଁ ମଧ୍ୟ ସାମୂହିକ ଭାବରେ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ସଠିକ୍ ମାର୍ଗ ଉପରେ ପରିଚାଳିତ କରନ୍ତୁ । ଅଲ୍ଲାଃ ତାଲା ସେଥିପ୍ରତି ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେ ଯାହା ହେଉ ନା କାହିଁକି ଆମମାନଙ୍କର କର୍ତବ୍ୟ ଯେ ଆମେ ଦୁଆ କରିଚାଲିବା । ରମ୍‌ଜାନ ମାସରେ ମଧ୍ୟ ଏବଂ ତା'ପରେ ମଧ୍ୟ ଅଲ୍ଲାଃ ତାଲାଙ୍କୁ ଏଥିନିମନ୍ତେ ସାମର୍ଥ୍ୟ ଲାଭ ନିମନ୍ତେ ଦୁଆ ମାଗୁଥିବା ଯେ ଅଲ୍ଲାଃ ତାଲା ଏଥିସକାଶେ ଆମ୍ଭକ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ॥

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ଅଏ ଦିଲ୍ ତୁ ନିଜ୍ ଖାତିରେ ଇନାଁ ନିଗାହ୍ ଦାର୍ ❊ କାଖିର୍ କୁନିନ୍ଦ୍ ଦାୱାଏ ହୁବ୍‌ବେ ପୟମ୍ବରମ୍ ସ:ଆ:ସ**

ସାଧାରଣ ଲୋକମାନେ ତ' ବୋଧ ହୁଏ ସ୍ୱଳ୍ପ ଜ୍ଞାନ ଯୋଗୁଁ ଏକଥା ଭାବୁଛନ୍ତି ଯେ ବାସ୍ତବିକ ଅହେମଦୀମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନଉଜୁବିଲ୍ଲାଃ ଅପମାନ କରୁଛନ୍ତି

ଆମେ ସର୍ବଦା ଏହା ଦେଖି ଆସିଅଛୁ ଯେ ଏହି ଲୋକମାନଙ୍କ ମଧ୍ୟରୁ ପ୍ରେମର ଜଳବିନ୍ଦୁ ଝରିଥାଏ ଓ ଆସନ୍ତାକୁ ମଧ୍ୟ ଇନ୍‌ଶାଅଲ୍ଲାଃ ଝରିବ ।

ଏହି ଲୋକମାନେ ଆମର ବିରୋଧ ଏଥିପାଇଁ କରୁଛନ୍ତି ଯେ, ସେମାନେ ଭାବୁଛନ୍ତି କି ଆମେ କାଳେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କର ବିରୋଧି ଅଟୁ । ଏହି ମୁଖାଲିଫତ୍ କିଛି ଭୂଲ ବୁଝାମଣାର କାରଣ

ତୁମେ ସାରା ଦୁନିଆକୁ କିଛି ଦିନ ପାଇଁ ଧୋକା ଦେଇପାର ତଥା କିଛି ଲୋକଙ୍କୁ ସବୁଦିନ ପାଇଁ ଧୋକା ଦେଇପାର କିନ୍ତୁ ସାରା ଦୁନିଆକୁ ସବୁବେଳ ପାଇଁ ଧୋକା ଦେଇପାରିବ ନାହିଁ । କାରଣ ସତ୍ୟ ଧିରେ ଧିରେ ସାମନାକୁ ଆସିଯାଇଥାଏ ।

ଅତଃ ଆମର କାର୍ଯ୍ୟ ହେଉଛି ଦୁଆ କରିବା ଓ ଧୈର୍ଯ୍ୟ ଧରିବା ଓ ଏହା ହିଁ ତୁମେ ମାର୍ଗ ଯାହା ଆମକୁ ଇନ୍‌ଶାଅଲ୍ଲାଃ ସଫଳତା ପ୍ରଦାନ କରିବ

ଆମର କର୍ତବ୍ୟ ହେଉଛି ଏହା କି ଆମେ ଜଣେ ମୁସଲମାନ ପାଇଁ ନିଜର ଭାବନାକୁ ଓ ନିଜର ଆବେଗକୁ ସ୍ୱଷ୍ଟ ରଖିବା, ସେମାନଙ୍କ ପାଇଁ ପ୍ରାର୍ଥନା କରି ଚାଲନ୍ତୁ ଯେ ଅଲ୍ଲାଃ ଯଥାଶିଘ୍ର ସେମାନଙ୍କର ଆଖି ଖୋଲି ଦିଅନ୍ତୁ ଓ ସେମାନେ ଏ ଯୁଗର ଇମାମଙ୍କୁ ମାନନ୍ତୁ ଓ ଚିହ୍ନନ୍ତୁ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୧୪ ମଇ ୨୦୨୧ ଅନୁଯାୟୀ ୧୪ ହିଜ୍‌ରତ୍ ୧୪୦୦ ହିଜ୍‌ରି ଶମ୍ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତକିଛି ଦିନ ତଳେ ଜଣେ ମୌଲବୀ ସାହେବ ସୋଶିଆଲ୍ ମିଡ଼ିଆରେ ବୟାନ ଦେଇଥିଲେ ଯେ ବିଶ୍ୱରେ ଯେଉଁ ସ୍ଥଳେ କୌଣସି ପ୍ରକାର ବିଶୃଙ୍ଖଳା ଓ ବିଭ୍ରାଟ ଦେଖା ଦେଉଅଛ ତଥା ଯୁଦ୍ଧ ହେଉଅଛି ତାହାର କାରଣ ଏହି କାଦିୟାନୀ ମୁସଲମାନ ଅଟନ୍ତି । ଏପରି କି ପେଲାଷ୍ଟାଇନ୍‌ରେ ମଧ୍ୟ ଯେଉଁ ଘମାସାନ ଯୁଦ୍ଧର ଉତ୍କଟ ପରିସ୍ଥିତି ଉପୁଜିଛି ତାହାର କାରଣ ମଧ୍ୟ ଏହି କାଦିୟାନୀ ଅହେମଦୀମାନେ ବୋଲି ସେ କହୁଛନ୍ତି । ପୁଣି ଆଗକୁ ଯେପରି ସେମାନେ ଆଚରଣ ପ୍ରଦର୍ଶନ କରିଥାନ୍ତି ଏବଂ କହିଥାନ୍ତି ଯେ, ଅହେମଦୀଙ୍କ ସହିତ ଏପରି ବ୍ୟବହାର କରିବା ଉଚିତ ଓ ଏମିତି ନିର୍ଯ୍ୟାତନା ଦେବା ଏବଂ ତାଙ୍କୁ ହତ୍ୟା କରିବା, ମାଡ଼ କରିବା ଆଦି ପ୍ରତ୍ୟେକ କଥା ବୈଧ । ତେବେ ସେ ଯାହା ହେଉ ଏହା ହେଉଛି ସେମାନଙ୍କ ମୁଖ ନିସୃତ କଥନ । ଯେବେଠାରୁ ଅହେମଦୀୟତର ଶୁଭାରମ୍ଭ ହୋଇଛି ସେମାନେ ଆମ ସହିତ ଏହିପରି ଆଚରଣ ପ୍ରଦର୍ଶନ କରିଚାଲିଛନ୍ତି । ଏମାନଙ୍କୁ ଅଇମତୁଲ୍ କୁଫର୍ ଅର୍ଥାତ ଅମାନ୍ୟକାରୀଙ୍କ ପ୍ରମୁଖ କୁହାଯାଏ । କିନ୍ତୁ ପ୍ରଭୁଙ୍କ ଅଶେଷ ଦୟା ଯେ ଆମେ ସେହି ମସିହ ଓ ମେହେଦୀଙ୍କୁ ସ୍ୱୀକାର କରିଅଛେ ଯିଏ ଆମକୁ ଏହି ଶିକ୍ଷା ଦେଇଛନ୍ତି ଯେ ସେମାନଙ୍କ କଟୁବାକ୍ୟ, ହୃଦୟଗ୍ରାସୀ କଥନ ଶୁଣି ତଥା ସେମାନଙ୍କ କଷ୍ଟ ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଲେ ମଧ୍ୟ ତୁମମାନଙ୍କ ପାଇଁ ଅନିବାର୍ଯ୍ୟ ଯେ କି ତୁମେ ଧୈର୍ଯ୍ୟ ରକ୍ଷା କରିବ ଏବଂ ଦୁଆ କରିବ । ଏହି ଅମାନ୍ୟକାରୀଙ୍କ ପ୍ରମୁଖ ଯିଏ ନିରୀହ ମୁସଲମାନମାନଙ୍କୁ ଯମାତ୍ ଅହେମଦୀୟା ସମ୍ବନ୍ଧରେ ନକାରାତ୍ମକ ଖବର ଦେଇ ଭ୍ରମିତ ଓ ଉତେଜିତ କରିଥାନ୍ତି ସାଧାରଣ ଜନତାଙ୍କୁ ନିଜର ସ୍ୱଳ୍ପ ଜ୍ଞାନ ଯୋଗୁଁ ଏପରି ବୁଝାଇଥାନ୍ତି ଯେ, ଅହେମଦୀ ବାସ୍ତବରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମର୍ଯ୍ୟାଦା ହାନୀ ଓ ତିରସ୍କାର କରିଥାନ୍ତି ତେଣୁ ସେମାନଙ୍କ ସହିତ ଏପରି ଆଚରଣ କରିବା ଉଚିତ । ମୌଲବୀମାନେ ଯାହା କହୁଛନ୍ତି ସତ୍ୟ କହୁଛନ୍ତି ଏହା ତ ସରଳ ଓ ଅବୋଧ ସାଧାରଣ ଜନତାଙ୍କ ଅବସ୍ଥା କିନ୍ତୁ ଯେଉଁମାନେ ବୁଦ୍ଧିମାନ ଓ ଧାର୍ମିକ ଜ୍ଞାନ ରଖୁଛନ୍ତି ସେମାନେ ମଧ୍ୟ ଏପରି ଅପପ୍ରଚାର କରୁଛନ୍ତି, ଯାହାର କୌଣସି ସତ୍ୟାସତ୍ୟ ଓ ଆଧାର କିମ୍ବା ପ୍ରମାଣ ହିଁ ନାହିଁ । କେବଳ ବିଶୃଙ୍ଖଳା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଯଦ୍ୱାରା ସେମାନଙ୍କ ଆସନ ବଳବତର ଓ ସୁରକ୍ଷିତ ରହିବ ଏବଂ ତାଙ୍କୁ କେହି ପଦଚ୍ୟୁତ କରିପାରିବେ ନାହିଁ । ଅଲ୍ଲାଃ ତାଲା ସେମାନଙ୍କ ସହ କି ଆଚରଣ କରିବେ ସେହି ଅଲ୍ଲାଃ ହିଁ ଭଲ ରୂପେ ଜାଣନ୍ତି । ଆମର କାର୍ଯ୍ୟ ହେଉଛି ଏହା କି, ଯେପରି ମୁଁ ଇଦ୍‌ର ଖୁତ୍‌ବାରେ କହିଥିଲି ଯେ ଦୁଆ କରିବା ଏବଂ ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଶତୃ ପାଇଁ ମଧ୍ୟ ଦୁଆ କର ।

ଆମେମାନେ ତ ଦୁଆ କରୁଥିବା ଗୋଷ୍ଠୀ, ଦୁଆ କରୁଅଛୁ ଏବଂ ଦୁଆ କରିଚାଲିବୁ । ଏହି ମୁଖାଲିଫତ୍ ଅର୍ଥାତ ଆମକୁ ବିରୋଧ କରିବା ଆମମାନଙ୍କ ପାଇଁ କୌଣସି ନୂଆ କଥା ନୁହେଁ ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସମୟ କାଳରୁ ଏହା ଅଭ୍ୟାହତ ରହିଆସିଛି । ତେବେ ଆପଣଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା ଏବଂ ଆପଣଙ୍କ ଉପଦେଶ ଶୁଣିବାକୁ ଆସୁଥିବା ମାନ୍ୟକାରୀଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଉଥିଲା କାରଣ ସେହି ମୌଲବୀମାନଙ୍କୁ ଏହି ଭୟ ଆଶଙ୍କା ରହୁଥିଲା ଯେ, ଯଦି ସେମାନେ ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ନିକଟକୁ ଆସୁଥିବା ଲୋକମାନେ ମିର୍ଜା ସାହେବଙ୍କ ପ୍ରବଚନ ଶୁଣି ନିଅନ୍ତି ତେବେ ସେମାନେ ମିର୍ଜା ସାହେବଙ୍କର ବୟତ କରିନେବେ । ସେମାନଙ୍କୁ ଜ୍ଞାତ ଥିଲା ଯେ ସତ୍ୟ ଏମାନଙ୍କ ସହିତ ଅଛି ତେଣୁ କରି ସେମାନେ ଲୋକମାନଙ୍କ ପଥ ଅବରୁଦ୍ଧ କରୁଥିଲେ ଏବଂ ସେମାନଙ୍କ ଉପରେ ଆକ୍ରମଣ କରାଉଥିଲେ ତଥାପି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କ ପାଇଁ ଦୁଆ ହିଁ କରୁଥିଲେ ଯେଉଁମାନେ ଆପଣ ଓ ଆପଣଙ୍କ ମାନ୍ୟକାରୀଙ୍କ ସହ ଏପରି ଶତୃତା ଓ କ୍ରୁର ଆଚରଣ ପ୍ରଦର୍ଶନ କରୁଥିଲେ । ତାହା ସେହି ଦୁଆ ର ପରିଣାମ ଥିଲା, ଯଦ୍ୱାରା ସେ ସେହି ଶତୃମାନଙ୍କ ମଧ୍ୟରୁ କେତେକ ଅହେମଦୀୟତରେ ସାମିଲ ହୋଇଗଲେ ଏବଂ ହୋଇ ଚାଲିଛନ୍ତି ମଧ୍ୟ । ସୁତରାଂ ଆମେ ସେହି ମୌଲବୀମାନଙ୍କ ପରି ଅପକଥନ ଓ କଟୁବଚନ କରିବୁ ନାହିଁ ବରଂ ସେମାନଙ୍କ ପାଇଁ ଦୁଆ କରିବୁ ଯେପରି କି ଆମେ ସର୍ବଦା ଦେଖିଥାଉ ଯେ, ସେହିମାନଙ୍କ ମଧ୍ୟରୁ ପ୍ରେମ ଓ ପ୍ରୀତି ସମ୍ପର୍କ ସ୍ୱରୁପ ବୁନ୍ଦାମାନ ଝରିପଡ଼ିବ ସେହିପରି ଆସନ୍ତାରେ ମଧ୍ୟ ଝରିବ ଇନ୍‌ଶାଅଲ୍ଲାଃ ତାଲା । ସାଧାରଣ ଲୋକମାନଙ୍କ ପାଇଁ, ସାଧାରଣ ମୁସଲମାନମାନଙ୍କ ପାଇଁ ଆମେ ସେହି ମୌଲବୀମାନଙ୍କର କଟୁ ବଚନ ଶୁଣିବା ସତ୍ୱେ ମଧ୍ୟ ଦୁଆ (ପ୍ରାର୍ଥନା) କରିଥାଉଁ । ସେମାନଙ୍କୁ କଷ୍ଟ ପଂହଚିଲେ ଆମକୁ ମଧ୍ୟ କଷ୍ଟ ହୋଇଥାଏ । ଏହାର କାରଣ ହେଉଛି କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପରମେଶ୍ୱରଙ୍କ ମଧ୍ୟ ଏହି ଆଦେଶ ଦେଲେ ଯେ, ସେମାନଙ୍କର ଏହି ଅତ୍ୟାଚାର ମଧ୍ୟ ଭୁଲ୍ ବୁଝାମଣା ଯୋଗୁଁ ହେଉଅଛି ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ ଓ ଭଲ ପାଇବା ଯେଗୁଁ ହେଉଅଛି । ଯାହାର ଦାବି ଏମାନେ କରୁଛନ୍ତି । ସେମାନେ କର୍ମ କରନ୍ତୁ ବା ନ କରନ୍ତୁ କିନ୍ତୁ ଦାବି ନିଶ୍ଚୟ କରୁଛନ୍ତି । ତେଣୁ ସେମାନଙ୍କ ପାଇଁ ଅନିଷ୍ଟ ଓ ଅଭିଷାପର ଦୁଆ କରନାହିଁ ।

ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏକ ଘଟଣା ଚର୍ଚ୍ଚା କରି କୁହନ୍ତି । ସେତେବେଳେ ମୁଁ ଛୋଟ ବାଳକ ଥିଲି ଯେତେବେଳେ ହଜୁର ଆ:ସ ଲାହୋରରୁ ଏକ ନିମନ୍ତ୍ରଣରୁ ପ୍ରତ୍ୟାବର୍ତନ କରୁଥିଲେ । ବଜାର ମଧ୍ୟ ଦେଇ ଯେତେବେଳେ ଆପଣ ଆ:ସ ଅତିକ୍ରମ କଲେ ସେତେବେଳେ ଲୋକମାନେ ନିଜ ଛାତ ଉପରେ ଛିଡ଼ା ହୋଇ ଆପଣଙ୍କୁ ଗାଳିଦେବା ଆରମ୍ଭ କଲେ ଏବଂ କହିଲେ, ମିର୍ଜା ଦଉଡ଼ି ପଳାଇଗଲା । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ମୁଁ ଏହା ବୁଝିପାରୁନଥିଲି । ସମ୍ଭବତଃ କୌଣସି ଜଲ୍‌ସାରେ ବିଭ୍ରାନ୍ତକର ବ୍ରକୃତା ଯୋଗୁଁ ଏପରି ବିଶୃଙ୍ଖଳାପୂର୍ଣ୍ଣ ବାତାବରଣ ଉପୁଜିଛି । ତେବେ ସେ ଯାହା ହେଉ କା କାହିଁକି ଆମେ ସେଠାରୁ ଲେଉଟୁଥିବା ସମୟରେ ମୁଁ ଦେଖିଲି ଜଣେ ବୃଦ୍ଧ ବ୍ୟକ୍ତି ଯାହାର ହସ୍ତ କଟି ଯାଇଥିଲା ସେଥିରେ ହଳଦୀ ଲେପନ କରାଯାଇଥିଲା ଅର୍ଥାତ କଟିଯାଇଥିବା ହଳଦି ଲଗାଯାଇଥିଲା ସେଥିରୁ ଏହା ସ୍ପଷ୍ଟ ହେଉଥିଲା ଯେ ତା'ର ହାତକୁ କଟାଯିବାର କିଛି ଦିନ ହିଁ ହୋଇଛି । ମୁଁ ଏହା ଦେଖିବାକୁ ପାଇଲି ଯେ ସେହି ବୁଢ଼ା ଲୋକଟି ମଧ୍ୟ ନିଜର ଭଲ ହାତକୁ କଟିଯାଇଥିବା ହସ୍ତ ଉପରେ ମାରି ପଞ୍ଜାବୀ ଭାଷାରେ କହୁଥିଲା ମିର୍ଜା ନଠ୍ ଗୟା, ମିର୍ଜା ନଠ୍‌ଗୟା ଅର୍ଥାତ ମିର୍ଜା ପଳାୟନ କଲା । ଆପଣ କୁହନ୍ତି ତାହାର ଏପରି ଅବସ୍ଥା ଦେଖି ମୁଁ ଆଚମ୍ଭିତ ହେଲି ଯେ, ନିଜର ଏପରି ପରିଣତି ଅବସ୍ଥାରେ ସେ ଏପରି କାହିଁକି କହୁଛି । ଏ ମାମଲା କଣ ? ମତେ ତାହା ବୁଝା ପଡୁନଥିଲା । କଣ ତାହା କେବଳ ବିରୋଧି ହେବା ଯୋଗୁଁ ବା ମୌଲବୀମାନେ ଉତେଜିତ କରିଛନ୍ତି ? ତେଣୁ ସେମାନଙ୍କ ମନରେ ଯାହା ଆସୁଥିଲା ସେମାନେ ଯାହା ତାହା କହିଚାଲୁଥିଲେ ସେମାନେ ପ୍ରକୃତ ବିଷୟ ଜାଣିଥାନ୍ତୁ ବା ନ ଜାଣିଥାନ୍ତୁ । ବାସ୍ କହିବାର ଥିଲା କହିଦେଲେ ।

ଏହିପରି ଆଉ ଏକ ଘଟଣା ବିଷୟରେ ବର୍ଣ୍ଣନା କରିଛନ୍ତି ଯେ, ଏକଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲାହୋର୍ ସହର ମଧ୍ୟ ଦେଇ ଯାଉଥିଲେ ଯେ, ପଛପଟୁ ଜଣେ ଦୁର୍ବୃତ ଆପଣ ସ:ଆ:ସଙ୍କ ଉପରେ ଆକ୍ରମଣ କରିଦେଲା ଏବଂ ଆପଣ ପଡ଼ିଗଲେ ଆଉ କେତେକ ବର୍ଣ୍ଣନା ଅନୁଯାୟୀ ଆପଣ ଝୁଂଟି ପଡ଼ିଥିଲେ କିନ୍ତୁ ତଳେ ପଡ଼ିନଥିଲେ । (ସିରତ ମସିହ୍ ମଉଦ୍ ଆ:ସ ସଂକଳକ ହଜ୍‌ରତ୍ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ୍ ର:ଅ ପୃ-୪୪୨) ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଏହିପରି (ସେହି ଦୁଷ୍ଟ) ଲୋକମାନେ (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରକୁ) ପଥର ମାରିବାର ମଧ୍ୟ ମୁଁ ଦେଖିଛି ।

ତେବେ ସେତେବେଳେ ବିରୁଦ୍ଧାଚରଣ ବେଶ୍ ତିବ୍ରରୂପ ଅକ୍ତିଆର କରିନେଇଥିଲା ଯାହାର ସ୍ୱଭାବିକ ପ୍ରତିକ୍ରିୟାରେ ଯମାତ୍‌ର କେତେକ ସଦସ୍ୟଙ୍କ ମନରେ କ୍ରୋଧ ସୃଷ୍ଟି ହେଉଥିଲା ଯେ, ଏମାନେ ଅଯଥାଟାରେ ଏପରି ଆଚରଣ କାହିଁକି କରୁଛନ୍ତି ? ସେତେବେଳେ ହଜୁର ଆ:ସଙ୍କୁ ଐଶିବାଣୀ ହେଲା ଯଦିଚ ଉକ୍ତ ଐଶିବାଣୀର ଅନ୍ୟ କୌଣସି ଠାରେ ଉଲ୍ଲେଖ ନାହିଁ କିନ୍ତୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେପରି ହଜୁର ଆ:ସଙ୍କ କବିତା ରହିଛି **ଅଏ ଦିଲ୍ ତୁ ନିଜ୍ ଖାତିର୍ ଇନାଁ ନିଗାହ୍‌ଦାର୍ କାଖିର୍ କୁନିନ୍ଦ୍ ଦାୱାଏ ହୁବ୍ବେ ପୟମ୍ବରମ୍** ***(ଅଜାଲାଏ ଅଓହାମ୍ ପ୍ରଥମ ଭାଗ, ରୁହାନି ଖଜାଇନ, ଖଣ୍ଡ-୩, ପୃ-୧୮୨)***

ଅର୍ଥାତ ହେ ଆମ ଦ୍ୱାରା ନିୟୋଜିତ ହୋଇଥିବା ପଥପଦର୍ଶକ ! ଏ ମୁସଲମାନମାନେ ଯେ ତୁମକୁ ଗାଳି ଦେଉଛନ୍ତି, ଟିକିଏ ଚିନ୍ତା କର ଯେ, ସେମାନେ କାହିଁକି ଗାଳିଗୁଲଜ କରୁଛନ୍ତି, କାହିଁ ମାରୁଛନ୍ତି, କାହିଁ ଆକ୍ରମଣ କରୁଛନ୍ତି ? ବାସ୍ତବରେ ସେମାନେ ହଜୁର ସ:ଆ:ସଙ୍କୁ ଭଲ ପାଇବା ଯୋଗୁଁ ଏପରି ହର୍‌କତ୍ କରୁଛନ୍ତି ତେଣୁ ସେମାନଙ୍କ ଭ୍ରମ ଧାରଣା ଯୋଗୁଁ କରୁଥିବା ଏହି ଆଚରଣକୁ ବରଦାସ୍ତ ଓ ସହ୍ୟ କରିନିଅ । ସେମାନଙ୍କର ଅନିଷ୍ଟ କାମନା କରନାହିଁ ଏବଂ ତାଙ୍କ ପାଇଁ ଅମଙ୍ଗଳ ପ୍ରାର୍ଥନା କରନାହିଁ ।

ସୁତରାଂ ଆମକୁ ଯେଉଁ ବିରୋଧ କରାଯାଉଛି, ସେଥିରେ ଆମ ବିରୋଧିମାନଙ୍କର ଅବସ୍ଥା ମଧ୍ୟ ଦେଖିବା ଜରୁରୀ ଯେ, ସେମାନେ କେଉଁ ପରିସ୍ଥିତିରେ ଏପରି ପ୍ରତିକ୍ରୀୟା ପ୍ରଦର୍ଶନ କରୁଛନ୍ତି । ଏହା ପଛରେ କାରଣ କଣ ରହିଛି ? ଏହି ଲୋକମାନେ ଯିଏ ଆମକୁ ଗାଳି ଗୁଲଜ କରୁଛନ୍ତି ସେମାନେ ଏକଥା ମଧ୍ୟ କହୁଛନ୍ତି ଆମ ଚା' ମଧ୍ୟ ମଦଠାରୁ ନିକୃଷ୍ଟତର । ମଦ୍ୟପାନ କରିବା ତ ବୈଧ୍ୟ ହୋଇପାରେ କିନ୍ତୁ ଅହେମଦୀଙ୍କ ଚାହା ପିଇବା ଅବୈଧ୍ୟ ଅଟେ । ମୁସଲମାନ ମୌଲବୀମାନେ ସାଧାରଣ ମୁସଲମାନମାନଙ୍କୁ ଏଭଳି ପାଠ ପଢ଼ାଉଛନ୍ତି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯଦି ସେମାନଙ୍କୁ ଜ୍ଞାତ ହୋଇଯାଆନ୍ତା ଯେ, ମୋ ଅନ୍ତରରେ ହଜୁର ସ:ଆ:ସଙ୍କ ପ୍ରେମର ଯେଉଁ ଅଗ୍ନୀଶିଖା ଜଳୁଅଛି ତାହା ସେମାନଙ୍କ ଲକ୍ଷ ଲକ୍ଷ ଲୋକମାନଙ୍କ ମଧ୍ୟରେ ବା ଅନ୍ତରରେ ନାହିଁ ତେବେ ସେମାନେ ସଙ୍ଗେ ସଙ୍ଗେ ଅହେମଦୀ ମାନଙ୍କ ଚରଣରେ ପଡ଼ିଯିବେ । ଏମାନେ ମୁଖାଲିଫତ୍ ଅର୍ଥାତ ବିରୁଦ୍ଧାଚରଣ ଏଥିପାଇଁ କରୁଛନ୍ତି ବା କରିଥାନ୍ତି ଯେ, ସେମାନେ ଏକଥା ଭାବୁଛନ୍ତି ଯେ ଆମେ ହଜୁର ସ:ଆ:ସଙ୍କର ବିରୋଦ୍ଧି ଅଟୁଁ । ଯାହାକି ପୂର୍ଣ୍ଣରୂପେ ସେମାନଙ୍କର ଭ୍ରାନ୍ତ ଧାରଣା ଏବଂ ସେହି ଭ୍ରାନ୍ତ ଧାରଣାର ପ୍ରତିକ୍ରିୟା ଓ ପରିଣାମ ସ୍ୱରୁପ ସେମାନେ ଆମ ପ୍ରତି ଏଭଳି କଟୁଭାସ୍ୟ ପ୍ରଦର୍ଶନ କରୁଛନ୍ତି ବା ପ୍ରୟୋଗ କରୁଛନ୍ତି ।

ପୁନଶ୍ଚ ଆପଣ ନିଜର ଏକ ବ୍ୟାଖ୍ୟା ବର୍ଣ୍ଣନା କରି ଆପଣ ଦର୍ଶାଇଲେ ଯେ ଯଦି ଲୋକମାନେ ବିରୁଦ୍ଧାଚରଣ କରୁଛନ୍ତି ଏବଂ ମତେ ଅବା ଯମାତ୍‌ର ସଂସ୍ଥାପକକୁ ଅବା ତୁମମାନଙ୍କୁ ଗାଳିଗୁଲଜ କରୁଛନ୍ତି ତେବେ ଯମାତ୍‌କୁ ମନେ ରଖିବା ଉଚିତ ଯେ, ଏମାନେ ହେଉଛନ୍ତି ତୁମମାନଙ୍କର ଭାଇ ଓ ଏମାନେ କିଛି ଭ୍ରମଧାରଣାର ଶିକାର ହୋଇଯାଇଛନ୍ତି ସୁତରାଂ ତୁମେ ସେମାନଙ୍କ ଉପରେ ଅତିଷ୍ଠ ହେବା ପରିବର୍ତେ ସେମାନଙ୍କ ପାଇଁ ଦୁଆ କର ଓ ସେମାନଙ୍କୁ ଅସଲ ବାସ୍ତବତା ବିଷୟରେ ଅବଗତ କରାଅ । ଯେତେବେଳେ ତୁମେ ସେମାନଙ୍କୁ ସତ୍ୟତା ସହ ପରିଚିତ କରାଇବ ସେତେବେଳେ ସେମାନେ ହୃଦୟଙ୍ଗମ କରିବେ ଯେ ଆମେମାନେ ହଜୁର ସ:ଆ:ସଙ୍କ ଶତୃ ନୁହେଁ ବରଂ ହଜୁର ସ:ଆ:ସଙ୍କର ପ୍ରକୃତ ପ୍ରେମୀ ଫଳତଃ ସେହିମାନେ ଯିଏ ଆମକୁ ମାରିବା ପାଇଁ ଅଂଟା ଭିଡୁଛନ୍ତି ସେମାନେ ଆମ ପାଇଁ ନିଜର ପ୍ରାଣର ଆହୁତି ଦେବାପାଇଁ ପ୍ରସ୍ତୁତ ହୋଇଯିବେ ।

***(ଭେରା କି ସର୍‌ଜମିନ୍ ମେଁ ଏକ୍ ନିହାୟତ୍ ଇମାନ୍ ଅଫ୍‌ରୋଜ୍ ତକ୍‌ରୀର୍, ଅନୱ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୨, ପୃ-୮୪-୮୬)***

ସେ ଯାହା ହେଉ ଆମମାନଙ୍କୁ ନିଜ ଶତୃମାନଙ୍କ ପାଇଁ ଦୁଆ କରିବା ଉଚିତ ଯେପରି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଶିକ୍ଷା ଦେଇଛନ୍ତି ଯେ ସେହିମାନଙ୍କ ମଧ୍ୟରୁ ପ୍ରେମ ଓ ପ୍ରିତି ସମ୍ପର୍କ ସ୍ୱରୁପ ବୁନ୍ଦାମାନ ଝରିବ ଏବଂ ସେହିମାନେ ବିଶ୍ୱାସ ଆଣିବେ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ର:ଅଙ୍କର ଏକ ଘଟଣା ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କୁହନ୍ତି କି ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ କୁହନ୍ତି ମୁଁ ଘରର ଉପର ମହଲାରେ ରହୁଥିଲି ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଘରର ତଳ ମହଲାରେ ରହୁଥିଲେ । ଏକଦା ତଳ ମହଲାରୁ ରୋଦନ ସ୍ୱର ଶୁଣିବାକୁ ମିଳିଲା ଯେପରି ଜଣେ ଗର୍ଭବତୀ ମହିଳା ପ୍ରସବ ପୀଡ଼ାରେ ରୋଦନ କରିଥାଏ । ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି ଏବଂ କାନ୍ଥ ସହିତ କର୍ଣ୍ଣ ସଲଗ୍ନ କରି ଶୁଣିବାକୁ ଚେଷ୍ଟା କଲି ତେବେ ଜାଣିପାରିଲି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

ଦୁଆ କରୁଛନ୍ତି ଏବଂ ହଜୁର ଏଭଳି ଆତୁରତାର ସହ ଦୁଆ କରୁଥିଲେ କି ହେ ପ୍ରଭୁ ! ପ୍ଲେଗ ରୋଗ ନିଜର ପ୍ରଭାବ ବିସ୍ତାର କରିଚାଲିଛି, ଲୋକେ ତାହାର ଶିକାର ହୋଇଚାଲିଛନ୍ତି ହେ ପ୍ରଭୁ ଯଦି ଏମାନେ ବିନାଶ ହୋଇଯାଆନ୍ତି ତେବେ ତୁମ ଉପରେ ବିଶ୍ୱାସ କିଏ ଆଣିବ ? ବର୍ତମାନ ଦେଖ ପ୍ଲେଗ ରୋଗ ପରିବ୍ୟାପ୍ତ ହେବା ଈଶ୍ୱରଙ୍କ ତରଫରୁ ଏକ ନିଦର୍ଶନ/ଚିହ୍ନ ଥିଲା ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପାଇଁ ହଜୁର ସ:ଆ:ସ ଏହି ଭବିଷ୍ୟବାଣୀ କରିଥିଲେ । କିନ୍ତୁ ଯେତେବେଳେ ତାହା ଆସିଲା ଯାହାକି ଆପଣଙ୍କ ସତ୍ୟବାଦୀ ହେବାର ଏକ ନିଦର୍ଶନ ସ୍ୱରୁପ ଥିଲା କିନ୍ତୁ ଆପଣ ଆତୁରତାର ସହ ପ୍ରଭୁଙ୍କ ଶରଣେ ଦୁଆ କରୁଛନ୍ତି ଯେ ଯଦି ଏମାନେ ବିନାଶ ହୋଇଯାଆନ୍ତି ତେବେ ତୁମ ଉପରେ ବିଶ୍ୱାସ କିଏ ଆଣିବ । ସୁତରାଂ ଜଣେ ବିଶ୍ୱାସକାରୀଙ୍କୁ ସାଧାରଣ ଜନତା ପାଇଁ ଅନିଷ୍ଟ ପ୍ରାର୍ଥନା କରିବା ଉଚିତ ନୁହେଁ କାରଣ ସେ ତ ତାଙ୍କ ଉଦ୍ଧାର ପାଇଁ ଛିଡ଼ା କରାଯାଇଥାଏ ଏବଂ ତାହା ହିଁ ତାହାର କର୍ତବ୍ୟ ଯଦି ସିଏ ସେମାନଙ୍କ ପାଇଁ ଅମଙ୍ଗଳ କାମନା କରେ ତେବେ କାହାକୁ ରକ୍ଷା କରିବ ? କାରଣ ଯଦି ତାହାର ଦୁଆ ସ୍ୱୀକୃତି ଲାଭ କରିନିଏ ତେବେ ସର୍ବନାଶ ସେମାନଙ୍କର ହୋଇଯିବ ।

ଯମାତ୍ ଅହେମଦୀୟା ଏଥିପାଇଁ ସ୍ଥାପନ କରାଯାଇଛି ଯେ, ସେ ଇସ୍‌ଲାମ୍ ଓ ମୁସଲମାନମାନଙ୍କୁ ରକ୍ଷା କରିବ ଓ ମଣିଷର ଶ୍ରେଷ୍ଠତା ତାକୁ ଫେରାଇ ଦେବ । ଅତଏବ ଯେଉଁ ଲୋକମାନଙ୍କୁ ଉଚ୍ଚ ଆସନରେ ବିରାଜମାନ କରାଇବାର ଦାୟିତ୍ୱ ଆମ ଉପରେ ନ୍ୟସ୍ତ କରାଯାଇଛି, ସେମାନଙ୍କ ପାଇଁ ଆମେ ଅମଙ୍ଗଳ ପ୍ରାର୍ଥନା କରିବା କିପରି ? ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଦେଖ ତୁମଠାରୁ ପରମେଶ୍ୱରଙ୍କର ସ୍ୱାଭିମାନ ଢ଼େର୍ ଅଧିକ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରଭୁ ଏହି ଐଶିବାଣୀ କରିଥିଲେ କି **ଅଏ ଦିଲ୍ ତୁ ନିଜ୍ ଖାତିରେ ଇନାଁ ନିଗାହ୍‌ଦାର୍ କାଖିର୍ କୁନିନ୍ଦ୍ ଦାୱାଏ ହୁବ୍‌ବେ ପୟୟରମ୍ ।**

କବିତାରେ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହୃଦୟକୁ ସମ୍ବୋଧିତ କରି ଆପଣ ଆ:ସଙ୍କ ମୁହଁରୁ ଏକଥା ବୋଲାଇଛନ୍ତି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବୋଧ ହୁଏ ଭେରାଠାରେ ଏହି ଭାଷଣ ଦେଇଥିଲେ ଓ ଏହି କଥା ତହିଁରେ କହିଥିଲେ । ଏହା ପୂର୍ନବାର ଉକ୍ତ କବିତାକୁ ବର୍ଣ୍ଣନା କରି ଉକ୍ତ ଘଟଣାକୁ ବର୍ଣ୍ଣନା କରିଛନ୍ତି ପ୍ରଥମ ଘଟଣାଟି ଅଲଗା ଥିଲା ଅର୍ଥାତ ଏହି କବିତା ଯାହାକି ପୂର୍ବେ ପାଠ କରାଯାଇଥିଲା ତାହା ଗୋଟିଏ ଘଟଣାର ବର୍ଣ୍ଣନା ଏବଂ ଏହା ଅନ୍ୟ ଏକ ଘଟଣାରେ ବର୍ଣ୍ଣନା କରାଯାଇଅଛି ଅର୍ଥାତ ତାହା ଲାହୋରର ଘଟଣା ଥିଲା ଏବଂ ଏହା ଭେରା ଜିଲ୍ଲାର ଘଟଣା ଅଟେ । ହଜୁର କୁହନ୍ତି ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହୃଦୟକୁ ସମ୍ବୋଧନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୁହଁ ସାହାଯ୍ୟରେ ଏକଥା ବୋଲାଇଛନ୍ତି ଯେ ହେ ହୃଦୟ ତୁ ସେହି ଲୋକମାନଙ୍କ ଚିନ୍ତାଧାରା, ଆବେଗ ଓ ଭାବପ୍ରବଣତାର ଧ୍ୟାନ ରଖ ଯଦ୍ୱାରା ସେମାନଙ୍କ ମନ କଳୁଷିତ ନ ହେଇଯାଉ । ଏପରି ନ ହେଉ କି ତୁ ବିରକ୍ତ ହୋଇ ତଥା ବିତୃଷ୍ଣା ଭାବ ପ୍ରକାଶ କରି ସେମାନଙ୍କୁ ଅଭିଷାପ ଦେଇଦେବୁ । ସେ ଯାହା ହେଉ ନା କାହିଁକି ସେମାନଙ୍କୁ ତୁମ୍ଭ ରସୁଲ୍‌ଙ୍କ ସହିତ ପ୍ରେମ ରହିଛି ଏବଂ ସେମାନେ ସେହି ପ୍ରେମ ଯୋଗୁଁ ତତେ ଗାଳିଗୁଲଜ କରୁଛନ୍ତି କାରଣ ସେମାନଙ୍କ ମନରେ ହଜୁର ସ:ଆ:ସଙ୍କ ପ୍ରତି ପ୍ରେମ ଭରି ରହିଛି ଏବଂ ଏହା ହିଁ ସତ୍ୟ । ଆମେମାନେ ଜାଣୁ ଯେ, ଆମ ବିରୋଧିମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ଅଯଥାରେ ବିରୋଧ ପ୍ରଦର୍ଶନ କରିଥାନ୍ତି କିନ୍ତୁ ଆଉ ଦଳେ ଅନ୍ୟାୟରେ ସେମାନଙ୍କ ଜାଲରେ ଫସି ଆମର ବିରୋଦ୍ଧ ପ୍ରଦର୍ଶନ କରିଥାନ୍ତି । ପାକିସ୍ତାନରେ ଏବଂ ଅନ୍ୟ ରାଷ୍ଟ୍ରମାନଙ୍କର ଅହେମଦୀମାନେ ଏଭଳି ମୌଲବୀମାନଙ୍କ ଜାଲରେ ଫସି ଯାଇଥାନ୍ତି ଏଥିପାଇଁ ଉକ୍ତ ଗୋଷ୍ଠୀ ଆମମାନଙ୍କର ବିରୋଧ କରିଥାନ୍ତି ଓ ସେମାନେ ଆମ ଆକାଙ୍କ ସହିତ ପ୍ରେମ କରିବା ଯୋଗୁଁ ଏପରି କରିଥାନ୍ତି । ସେମାନଙ୍କ ଉପରେ ଯେତେବେଳେ ଉକ୍ତ କଥାଟି ଉନ୍ମୋଚିତ ହୋଇଥାଏ ବା ସ୍ପଷ୍ଟ ହୋଇଥାଏ ଯେ ଆମେମାନେ ହେଉଛୁ ହଜୁର ସ:ଆ:ସଙ୍କର ପ୍ରେମୀ, ସେତେବେଳେ ସେମାନେ କହିଥାନ୍ତି ଯେ, ଏହି ଲୋକମାନେ ହଜୁର ସ:ଆ:ସଙ୍କ ସମ୍ମାନ ସ୍ଥାପନ କରିବେ ତେଣୁ ଏମାନଙ୍କୁ ସାହାଯ୍ୟ କର । ସେହି ଦିନ ଅବଶ୍ୟ ଆସିବ ଇନ୍‌ଶାଅଲ୍ଲାଃ ତାଲା । ଏହି ଭୁଲ ବୁଝାମଣା କେତେ ଦିନ ଚାଲିବ ?

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ ଜଣେ ଇଂରେଜ ଲେଖକ ଉଲ୍ଲେଖ କରିଛି ଯେ ତୁମେ କିଛି ଦିନ ପାଇଁ ସାରା ଦୁନିଆକୁ ଧୋକା ଦେଇପାର ଓ କିଛି ଲୋକଙ୍କୁ ସବୁବେଳ ପାଇଁ ଧୋକା ଦେଇପାର କିମ୍ବା ତୁମେ କିଛି ଲୋକଙ୍କୁ ସବୁଦିନ ପାଇଁ ପ୍ରବଞ୍ଚନା ଦେଇପାର ଏହା ଅବସ୍ୟ ଠିକ୍ ହୋଇପାରେ କିନ୍ତୁ ତୁମେ ସମଗ୍ର ଜଗତକୁ ସବୁଦିନ ପାଇଁ ଧୋକା ଦେଇପାରିବ ନାହିଁ । ଏହା ସମ୍ଭବ ନୁହେଁ । ଦିନେ ନା ଦିନେ ଏ ଜଗତବାସୀ ଜାଣିନେବେ ଯେ, ସତ୍ୟ କେଉଁଟା ଏବଂ ମିଥ୍ୟାବାଦି କିଏ । ସେ ଯାହା ହେଉ ନା କାହିଁକି ଏହି ଲୋକମାନଙ୍କ ମଧ୍ୟରୁ ହିଁ ଅହେମଦୀ ହେଉଛନ୍ତି ଏବଂ ଯମାତ୍ ଅହେମଦୀୟାରେ ସାମିଲ ହୋଇ ସେମାନଙ୍କର ଇହ ଓ ପରକାଳ ସୁଧୁରୁଛି ଏବଂ ସେମାନେ ବିଶ୍ୱାସରେ ଅଭିବୃଦ୍ଧି କରୁଛନ୍ତି । ଜମାତ୍ ଅହେମଦୀୟାର ସଂଖ୍ୟା ବଢ଼ିଚାଲିଛି ଓ ଏହି ସଂଖ୍ୟାରେ କିପରି ଅଭିବୃଦ୍ଧି ଘଟୁଛି ? ସେହି ଲୋକମାନଙ୍କ ଦ୍ୱାରା ବୃଦ୍ଧି ହେଉଅଛି ଯେଉଁମାନେ ବିରୋଧଙ୍କ ସହିତ ଥିଲେ, ସେହିମାନେ ହିଁ ଅହେମଦୀୟତର ସଂଖ୍ୟାକୁ ଅଭିବୃଦ୍ଧି ଘଟାଉଛନ୍ତି ।

ସେ ଯାହା ହେଉ ନା କାହିଁକି ଏହି ବିରୋଧ ଓ ପ୍ରତିବାଦ ଇନ୍‌ଶାଅଲ୍ଲାଃ ଦିନେ ନା ଦିନେ ସମାପ୍ତ ହେବ । ଏହି ଲୋକମାନଙ୍କ ମଧ୍ୟରୁ ଅନେକ ଲୋକ ଆସି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ସାମିଲ ହେବେ । ଇନ୍‌ଶାଅଲ୍ଲାଃ ତାଲା । ଅନେକ ଲୋକମାନେ ମତେ ପତ୍ର ଲେଖିଥାନ୍ତି ଯେ, ବିରୋଧ ପରେ ଯେତେବେଳେ ଆମକୁ ଏହା କୁହାଗଲା ଯେ, ଦୁଆ କର କିମ୍ବା ଲିଟ୍‌ରେଚର ପଢ଼ । ଅତଏବ ଆମେମାନେ ଯେତେବେଳେ ଦୁଆ କଲୁ ଓ ଲିଟରେଚର୍ ପଢ଼ିଲୁ ସେତେବେଳେ ସତ୍ୟ ଉନ୍ମୋଚିତ ହେଲା ଏବଂ ବର୍ତମାନ ଆମେମାନେ ବୟତ କରିବାକୁ ଚାହୁଁଛୁ । ପୁଣି ସେମାନେ ବୟତ କରି ଯମାତ୍‌ରେ ସାମିଲ ହୋଇଚାଲିଛନ୍ତି ଏବଂ ହୋଇଚାଲିଥିବେ ଏହିପରି ସର୍ବଦା ଚାଲିଆସୁଅଛି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ଏ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଓ ଅନ୍ୟ ଖଲିଫାମାନେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଅନେକ ଲୋକମାନେ ଏହିପରି ପତ୍ର ଉଲ୍ଲେଖ କରିଥାନ୍ତି ଏବେ ମଧ୍ୟ ଏହି ସବୁ ଘଟଣା ଘଟୁଅଛି ।

ଅତଏବ ଏହି ମୌଲବୀ ମାନେ ଆମ ବିରୁଦ୍ଧରେ ଯେଉଁ ବୟାନ ଦେଉଛନ୍ତି ଏବଂ ମନ୍ତବ୍ୟ ମାଧ୍ୟମରେ ଆଜିକାଲି ଅହେମଦୀୟତର ଯେତେ ବାର୍ତା ପହଂଚାଉଛନ୍ତି, ବିଶେଷ କରି ସେହି ବିରୋଧ ସୀମାରେଖାରେ ଥିବା ଗୋଷ୍ଠୀରେ ଯେଉଁଠି ଆମ ପକ୍ଷରେ ବାର୍ତା ପହଂଚିବା କଷ୍ଟକର ଥିଲା, ସେମାନେ ଅତି ସହଜରେ ଏହି କାର୍ଯ୍ୟ ଆମ ପାଇଁ କରିଚାଲିଛନ୍ତି ଯାହାକି ଆମ ପାଇଁ ଲାଭଦାୟକ ଅଟେ । ଆମେମାନେ ସେମାନଙ୍କ ପାଇଁ ତ ଦୁଆ ମଧ୍ୟ କରିଥାଉ କି ଅଲ୍ଲାଃ ତାଲା ଯଦି ସେମାନଙ୍କ ସ୍ୱଭାବରେ କୌଣସି ସଜ୍ଜନତା ଓ ବିନୟଭାବ ରଖିଛନ୍ତି ତେବେ ତାଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଓ ସେମାନେ ଏ ବିଷୟ ବୁଝିନିଅନ୍ତୁ । ସର୍ବସାଧାରଣଙ୍କ ପାଇଁ ଓ ସାଧାରଣ ମୁସଲମାନମାନଙ୍କ ପାଇଁ ମଧ୍ୟ ଅଧିକ ଦୁଆ କରିବା ଉଚିତ ଯେ ଅଲ୍ଲାଃ ତାଲା ସେହି ହିଂସ୍ର ପ୍ରବୃତି ଲୋକମାନଙ୍କ କବଳରୁ ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ସେ ଯାହା ହେଉ ନା କାହିଁକି ଏମାନେ ଆମ ଲାଭ ପାଇଁ ବିରୋଦ୍ଧ କରୁଛନ୍ତି ଯଦ୍ୱାରା ଏପରି ସ୍ଥାନରେ ଯମାତ୍ ଅହେମଦୀୟାର ବାର୍ତା ପହଂଚିଯାଉଛି ଯେଉଁଠି ପୂର୍ବେ ପହଂଚିପାରୁନଥିଲା । ପୁନଶ୍ଚ ଏହି ଲୋକମାନଙ୍କ ମଧ୍ୟରୁ କେତେକ ଲୋକ ସ୍ୱୟମ ଯୋଗାଯୋଗ ମଧ୍ୟ କରୁଛନ୍ତି । ଅତଏବ ଆମମାନଙ୍କର କର୍ତବ୍ୟ ଯେ ଆମେମାନେ ଦୁଆ କରିବା ଓ ଧୈର୍ଯ୍ୟ ରକ୍ଷା କରିବା ଏହା ହିଁ ସର୍ବୋକ୍ରୃଷ୍ଟ ମାଧ୍ୟମ ଯାହା ଆମମାନଙ୍କୁ ସଫଳତା ମଧ୍ୟ ପ୍ରଦାନ କରିଥାଏ । ଆମମାନଙ୍କର କର୍ତବ୍ୟ ହେବା କଥା ଯେ ଆମେ ଜଣେ ମୁସଲମାନ ପାଇଁ ନିଜର ଚିନ୍ତାଧାରା ଓ ନିଜର ଭାବବେଗକୁ ପବିତ୍ର ରଖିବା ଓ ସେମାନଙ୍କ ପାଇଁ ପ୍ରାର୍ଥନା କରିବା । ଅଲ୍ଲାଃ ତାଲା ଯଥାଶିଘ୍ର ସେମାନଙ୍କ ଆଖି ଖୋଲନ୍ତୁ ଏବଂ ଏହି ଲୋକମାନେ ସମୟର ଦୂତଙ୍କ ଅର୍ଥାତ ଯୁଗାବତାରଙ୍କୁ ଚିହ୍ନନ୍ତୁ ଏବଂ ତାଙ୍କୁ ଗ୍ରହଣ କରିନିଅନ୍ତୁ । ଅଲ୍ଲାଃ ତାଲା ଏଥିନିମନ୍ତେ ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ॥

⌘⌘⌘⌘⌘⌘⌘⌘⌘⌘

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୁର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର୍, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ୍ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ୍ୟ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୁର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ॥

**(ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 10-17 June 2021 Issue No. 23-24

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର) ରିପୋର୍ଟର ଅବଶିଷ୍ଟାଂଶ**

ଅମୀର ସାହେବ ବତାଇଲେ ଯେ, ଅହେମଦୀୟା ମୁସ୍‌ଲିମ୍ ଯମାତ୍ ଦେଶର ସମସ୍ତ ଆଇନକାନୁନ୍‌କୁ ମାନି ଚଳିବାପାଇଁ ନିଜର କର୍ତବ୍ୟ ଭାବରେ ଜାଣିଥାଏ । ଯମାତ୍‌ର ସଦସ୍ୟମାନଙ୍କ ପାଇଁ ଏବେ ଜର୍ମାନୀ ତାଙ୍କ ନିଜର ଦେଶ ହୋଇସାରିଛି କାରଣ ସେମାନଙ୍କର ବର୍ତମାନ ଅନେକ ପିଢ଼ି ଏଠି ଜର୍ମାନୀରେ ବସବାସ କରୁଛନ୍ତି ।

ତା'ପରେ Mr. Frank Heinrich ସାହେବ ନିଜର ଅଭିଭାଷଣ ପ୍ରଦାନ କଲେ । ତାଙ୍କର ସମ୍ବନ୍ଧ CDU ପାର୍ଟି ସହିତ ରହିଛି ଓ ସେ National Assembly ର ସଦସ୍ୟ ଅଛନ୍ତି । ସେ ନିଜର ବକ୍ତବ୍ୟରେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ଏବଂ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ ଓ ସଲାମ୍ କହିଲେ, ତତ୍‌ସହିତ ଏକଥାର ମଧ୍ୟ କୃତଜ୍ଞତା ଅର୍ପଣ କଲେ ଯେ, ତାଙ୍କୁ ଓ ସେହିଭଳି ଅନେକ National Assembly ର ସଦସ୍ୟମାନଙ୍କୁ ମଧ୍ୟ ଏହି ପ୍ରୋଗ୍ରାମରେ ନିମନ୍ତ୍ରଣ କରାଯାଇଅଛି ।

ସେ ମହାଶୟ କହିଲେ, ଯଦି ମୁଁ ଯମାତ ଅହେମଦୀୟା ବିଷୟରେ ଚିନ୍ତା କରୁଛି ସେତେବେଳେ ମୋ ମନ ଭିତରେ ଦୁଇଗୋଟି ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ଭାବନା ସୃଷ୍ଟି ହେଉଅଛି । ଗୋଟିଏ ପଟେ ତ ଏ ଭାବନା ସୃଷ୍ଟି ହେଉଛି ଯେ, ମୋ ମନ କୃତଜ୍ଞତା ଓ ଖୁସିରେ ଭରିଯାଇଛି ଓ ଅନ୍ୟ ପଟେ ଏପରି ମନଭାବ ସୃଷ୍ଟି ହେଉଛି ଯାହା ଅତ୍ୟନ୍ତ ଦୁଃଖ ଓ ଶୋକରେ ପରିପୂର୍ଣ୍ଣ । ମୁଁ ଏବେ ଏହାକୁ ସ୍ପଷ୍ଟ କରିବା ପାଇଁ ଜରୁରୀ ଭାବୁଛି ଯେତେବେଳେ ମଧ୍ୟ ଆପଣମାନଙ୍କ ସହିତ ମୋର ସାକ୍ଷାତ ହୋଇଥାଏ ସେତେବେଳେ ଆପଣମାନଙ୍କର ଯେଉଁ ମୋଟ ଅଛି ତାହାର ପରିପ୍ରକାଶ ହୋଇଥାଏ ଯେ, ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ'' । ପୁଣି ଯେତେବେଳେ ମତେ ଆପଣଙ୍କ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଗଲା ଓ ମତେ ମଧ୍ୟ ସେଥିରେ ସାମିଲ ହେବାର ଅବସର ମିଳିଲା । ସେହି ଜଲ୍‌ସାରେ ପ୍ରାୟ ୩୪ ହଜାର ପୁରୁଷ ଓ ମହିଳା ଏକତ୍ରିତ ହୋଇଥିଲେ ଓ ସେଠାରେ ମଧ୍ୟ ମତେ କିଛି କହିବାପାଇଁ ସମୟ ଦିଆଗଲା । ସେହି ଜଲ୍‌ସା ମାଧ୍ୟମରେ ମୋର ବହୁତ ଗୁଡ଼ିଏ ଭୁଲ୍ ଚିନ୍ତାଧାରା ଓ ଭୁଲ୍ ବୁଝାମଣା ଦୂର ହୋଇଗଲା ଓ ମୋ ଉପରେ ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପ ସ୍ପଷ୍ଟ ହୋଇଗଲା । ସେଥିଯୋଗୁଁ ମୁଁ ଆପଣମାନଙ୍କ ନିକଟରେ କୃତଜ୍ଞ । ପୁଣି ମୁଁ ଆପଣମାନଙ୍କୁ Chemnitz City ରୁ ମଧ୍ୟ ଜାଣିଛି । ବିଶେଷ ରୂପେ ଆପଣମାନେ ନୂଆ ବର୍ଷରେ ଯେଉଁ ସଫାଇ କାର୍ଯ୍ୟକ୍ରମ କରୁଛନ୍ତି ସେଥିରେ ମୁଁ ବହୁତ ପ୍ରଭାବିତ ।

ଅନ୍ୟପଟରେ ସେ କହିଲେ ଯେ, ମୋ ମନକୁ ବହୁତ ଦୁଃଖ ଅନୁଭବ ହେଉଛି ଯେତେବେଳେ ମୁଁ ପାକିସ୍ତାନର ଖବର ଶୁଣୁଛି । ପୁଣି ଯେତେବେଳେ ମୁଁ ERFURT ସମ୍ବନ୍ଧରେ ଭାବୁଛି, ଯେଉଁଠି ଆପଣମାନଙ୍କୁ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ବହୁତ ଅସୁବିଧା ହେଉଅଛି, ଏହା ଦ୍ୱାରା ମଧ୍ୟ ମତେ ଦୁଃଖ ଲାଗୁଛି ।

ପୁଣି ସେ ମହାଶୟ କହିଲେ, ମୁଁ ପ୍ରଥମେ ଜଣେ ପାଦ୍ରୀ ଥିଲି ଓ ମୋ ପାଇଁ ଗୋଟିଏ କଥା ବହୁତ ଜରୁରୀ ଅଟେ ଯେଉଁ ବିଷୟରେ ମୁଁ ପ୍ରଥମେ ଚର୍ଚ୍ଚା କରିସାରିଛି ତାହା ହେଉଛି ଏହା କି, କେବଳ କଥା ନ କୁହାଯାଉ ବରଂ କଥା ଅନୁସାରେ କର୍ମ ମଧ୍ୟ କରାଯିବା ଉଚିତ ଓ ଏହି କଥା ମତେ ଆପଣଙ୍କ ଯମାତ୍‌ରେ ଦେଖିବାକୁ ମିଳିଲା । ମତେ ବହୁତ ଖୁସି ଲାଗୁଛି ଯେ, ଖଲିଫାଙ୍କ ନେତୃତ୍ୱରେ ଆପଣମାନେ ଇସ୍‌ଲାମ୍‌ର ଶିକ୍ଷାକୁ ପୁର୍ନବାର ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛନ୍ତି ଏବଂ ସେମାନଙ୍କର ସମ୍ମାନକୁ ପ୍ରତିଷ୍ଠା କରୁଅଛନ୍ତି ଓ ଏହି ବାର୍ତା ଲୋକମାନଙ୍କ ନିକଟରେ ପହଂଚାଉଛନ୍ତି । ବାସ୍ତବିକ ଆପଣମାନେ ଅନ୍ୟାନ୍ୟ ସମସ୍ତ ଧାର୍ମିକ ଯମାତ୍‌ଠାରୁ ଭିନ୍ନ । ମତେ ଏକଥାର ମଧ୍ୟ ଖୁସି ଲାଗିଲା ଏବଂ ମୁଁ ଆଶା କରୁଛି ଯେ, ଆଜି ଯେଉଁଭଳି ପ୍ରୋଗ୍ରାମ ଆପଣମାନେ ଅନୁଷ୍ଠିତ କରିଲେ, ଏହି ପ୍ରୋଗ୍ରାମକୁ ପ୍ରସାର କରାଯାଉ ଓ ଲୋକମାନଙ୍କୁ ଏ ସମ୍ବନ୍ଧରେ ଅବଗତ କରାଯାଉ ।

ତା'ପରେ Omid Nouripour ସାହେବ୍ ନିଜର ଅଭିଭାଷଣ ପେଶ୍ କଲେ । ତାଙ୍କର ସମ୍ବନ୍ଧ Grune ପାର୍ଟି ସହିତ ରହିଛି । ସେ ନ୍ୟାସନାଲ୍ ଅସେମ୍ବିଲ୍‌ର ସଦସ୍ୟ ଅଛନ୍ତି ତତ୍‌ସହିତ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ମଧ୍ୟ ଅଛନ୍ତି ।

ସେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ଏକଥା ମଧ୍ୟ କହିଲେ ଯେ, ତାଙ୍କ ପାଇଁ ଏହା ହେଉଛି ଗୋଟିଏ ବହୁତ ବଡ଼ ଖୁସିର ଅବସର ଯେ, ସେ ଏହି ଉତ୍ସବରେ ସାମିଲ ହୋଇଛନ୍ତି ।

ସେ ପୁଣି କହିଲେ ଯେ, ଆଜିକାଲି ଅଧିକାଂଶ ସମୟ ଏ ପ୍ରଶ୍ନ କରାଯାଉଅଛି ଯେ, କିଏ ମୁସଲମାନ, କିଏ ମୁସଲମାନ ନୁହେଁ । ବରଂ ଏକଥା କେବଳ ଇସ୍‌ଲାମ୍ ଭିତରେ ସିମୀତ ରହିନାହିଁ ବରଂ ଏହା ମଧ୍ୟ ପ୍ରଶ୍ନ ଉଠୁଛି ଯେ, କିଏ ହେଉଛି ମୋମିନ୍ ଓ କିଏ ମୋମିନ୍ ନୁହେଁ । କିନ୍ତୁ ଏହା ହେଉଛି ଏପରି ଏକ ପ୍ରଶ୍ନ ଯାହାର ଉତର ପ୍ରତ୍ୟେକଙ୍କୁ ନିଜ ସମ୍ବନ୍ଧରେ ନିଜକୁ ଦେବା ଉଚିତ । ନା କି ଅନ୍ୟ କୌଣସି ବ୍ୟକ୍ତି ଏହାର ନିଷ୍ପତି କରୁ । କାହାକୁ ପାପୀ କହିଦେବା ବା କାହା ସହିତ ମତଭେଦ ରଖିବା ଠିକ୍ ହୋଇପାରେ କିନ୍ତୁ ଜଣକୁ ଅଣମୁସ୍‌ଲିମ୍ କହିବା ବା ଜଣକୁ କାଫିର୍ କହିବା ହେଉଛି ଭୁଲ୍ । ଯମାତ୍ ଅହେମଦୀୟାକୁ ପ୍ରଥମ ଦିନରୁ ହିଁ ଏହିଭଳି କଠିନତା ଓ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଅଛି । ଏହିଭଳି ଅସୁବିଧାର ସମ୍ମୁଖିନ ଆମ ଯମାତ୍‌ର ସବୁଠାରୁ ଅଧିକା ପାକିସ୍ତାନରେ ହୋଇଥାଏ । କିନ୍ତୁ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ, ଯେଉଁଠି ଅହେମଦୀମାନଙ୍କ ବିରୋଧରେ ଉତେଜିତ ଭାଷା କହି ଲୋକମାନଙ୍କୁ ଉତେଜିତ କରାଯାଇଥାଏ ଉଦାହରଣ ସ୍ୱରୁପ ବଙ୍ଗଳାଦେଶ ଇତ୍ୟାଦି ଦେଶମାନଙ୍କରେ । କିନ୍ତୁ ଏଠାରେ ଯେଉଁ କଥା ମତେ ବହୁତ ପ୍ରଭାବିତ କରିଛି ତାହା ହେଉଛି ଏହିଭଳି ମନ୍ତବ୍ୟ ଉପରେ ଯମାତ୍ ଅହେମଦୀୟାର ପ୍ରତିକ୍ରିୟା । ଯମାତ୍ ଅହେମଦୀୟାର ପ୍ରତିକ୍ରିୟା ହେଉଛି ଏହା କି ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ । ଏହା ହେଉଛି ଏପରି ଏକ ମୋଟୋ ବରଂ କହିବାକୁ ଗଲେ ଏପରି ଏକ ସିଦ୍ଧାନ୍ତ ଯାହାକୁ କେବଳ ଧର୍ମ ମାମଲାରେ ନୁହେଁ ବରଂ ତାହାକୁ ଆହୁରି ଅଧିକ ବ୍ୟାପକ ରୂପେ ପ୍ରସାର କରିବା ଓ ପ୍ରଶିକ୍ଷି କରିବାକୁ ହେବ । ଆମେ ନ୍ୟାସନାଲ୍ ଅସେମ୍ବଲ୍‌ରେ ଭିନ୍ନ ଭିନ୍ନ ଇଲାକାର ପ୍ରତିନିଧିତ୍ୱ କରିଥାଉ ଏବଂ ଆମେ ସମସ୍ତେ ନିଜ ନିଜ ସ୍ଥାନରେ ନିଶ୍ଚିତ ରୂପେ ଅହେମଦୀମାନଙ୍କଠାରୁ ଏହି ଅଭିଜ୍ଞତା ହାସଲ କରିଥିବେ । ଏହା ହେଉଛି ଗୋଟିଏ ଅତ୍ୟନ୍ତ କର୍ମଠ ଯମାତ୍ ଯିଏ ସାମାଜିକ ସ୍ତରରେ ମଧ୍ୟ ବହୁତ ହିତକାରୀ ଅଟେ ।

ତା'ପରେ ଯମାତ୍ Niels Annen ସାହେବ୍ ଯିଏ ମିନିଷ୍ଟର ଅଫ୍ ଷ୍ଟେଟ୍ ଅଛନ୍ତି ଏବଂ ଡ଼େପୁଟି ଫରେନ୍ ମିନିଷ୍ଟର ମଧ୍ୟ ଅଛନ୍ତି, ସେ ନିଜର ଅଭିଭାଷଣ ପ୍ରଦାନ କଲେ । ସେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ଓ ଅନ୍ୟାନ୍ୟ ଉପସ୍ଥିତ ଅତିଥିମାନଙ୍କୁ ସଲାମ୍ କହିଲେ ଓ ଆଜିର ଏହି ପ୍ରୋଗ୍ରାମ ସମ୍ବନ୍ଧରେ ବହୁତ ଆନନ୍ଦିତ ଥିବାର ପ୍ରକାଶ କଲେ ।

ସେ ମହାଶୟ କହିଲେ, ୭୦ ବର୍ଷ ପୂର୍ବେ ଜର୍ମାନୀର ମୂଳ ଆଇନ କାନୁନ ପ୍ରସ୍ତୁତ ହେଲା ସେଥିରେ ଗୋଟିଏ ମୂଳ ଅଧିକାର ରଖାଯାଇଅଛି ତାହା ହେଉଛି ଧର୍ମୀୟ ସ୍ୱାଧିନତାର ଅଧିକାର । ସେଥିପାଇଁ ଏ ଦେଶରେ ବିଭିନ୍ନ ଧର୍ମର ଲୋକମାନେ ଓ ଭିନ୍ନ ଭିନ୍ନ ସଂସ୍କୃତିର ଲୋକମାନେ ଶାନ୍ତି ଓ ସୌହାର୍ଦ୍ଧ୍ୟ ସହିତ ଏକାଠି ରୁହନ୍ତି । ସେହି ବର୍ଷ ଜୁନ୍ ୧୯୪୯ ମସିହାରେ ଜର୍ମାନୀର Nordwestdeutsche rundfunk ରେଡ଼ିଓ ଷ୍ଟେସନ ଶ୍ରୀମାନ୍ ସେଖ୍ ନସିର୍ ଅହେମଦ୍ ସାହେବ୍, ଯିଏ ଯମାତ୍ ଅହେମଦୀୟା ସୁଇଜରଲ୍ୟାଣ୍ଡର ମୁବଲିଗ୍ ଥିଲେ, ତାଙ୍କର ଗୋଟିଏ ଲେକ୍‌ଚର୍ ପ୍ରସାରଣ କଲା । ଏ କଥାର ଚର୍ଚ୍ଚା ମୁଁ ଏଥିପାଇଁ କରୁଅଛି ଯେ, ଏହା ଜର୍ମାନୀରେ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ପ୍ରସାରଣ ଥିଲା ତାହା ସର୍ବପ୍ରଥମ ପ୍ରସାରଣ ଥିଲା । ପ୍ରାରମ୍ଭରୁ ହିଁ ଯମାତ୍ ଅହେମଦୀୟା ଏବଂ ଜର୍ମାନୀର ଆଇନ୍ ମଧ୍ୟରେ ଗୋଟିଏ ସମ୍ପର୍କ ଜାରି ରହିଛି । ପୁଣି ୧୯୫୫ ମସିହାରେ ଯମାତ୍ ଅହେମଦୀୟା ହେମ୍ବର୍ଗଠାରେ ପ୍ରତିଷ୍ଠା କରାଗଲା ଏବଂ ପୁଣି ୧୯୫୭ ମସିହାରେ ଯୁଦ୍ଧ ପରେ ପ୍ରଥମ ମସ୍‌ଜିଦ୍ ମଧ୍ୟ ନିର୍ମାଣ କରାଗଲା । ଅର୍ଥାତ ଫଜଲେ ଉମର୍ ମସ୍‌ଜିଦ୍, ଯାହା ସହିତ ମୋର ଗୋଟିଏ ଗଭୀର ସମ୍ପର୍କ ରହିଛି ତାହା ମୋ ଇଲାକାରେ ରହିଛି ବୋଲି ନୁହେଁ ବରଂ ସେଠାର ସ୍ଥାନୀୟ ଯମାତ୍ ସହିତ ମୋର ଦୃଢ଼ ବନ୍ଧୁତ୍ୱ ଭାବ ରହିଛି ।

Niels Annen ସାହେବ କହିଲେ ଯେ, ଯମାତ୍‌କୁ ହେମ୍ବର୍ଗଠାରେ ୨୦୧୪ ମସିହାରୁ ଏବଂ ହେସେନ୍ ପ୍ରଦେଶରେ ୨୦୧୩ ମସିହାରୁ Korpersch Aft Des Offentlichen Rechts ରହିଛି ଅର୍ଥାତ ତାହାର ଷ୍ଟାଟସ୍ ହେଉଛି ଖ୍ରୀଷ୍ଟିଆନ୍ ମାନଙ୍କ ଚର୍ଚ୍ଚ ସହିତ ସମାନ୍ । ଏହା କୌଣସି ମାମୁଲି ଜିନିଷ ନୁହେଁ କାରଣ ଯମାତ୍ ଅହେମଦୀୟା ଜର୍ମାନୀ ପାଇଁ ବିଭିନ୍ନ କାରଣରୁ ଏହା ଲାଭ ପ୍ରଦ ପ୍ରମାଣିତ ହେଉଅଛି । ତା'ର ଗୋଟିଏ ପାର୍ଶ୍ୱ ଏହା ଯେ, ସେମାନେ ଜର୍ମାନୀରେ ହିଁ ନିଜର ମୁରବୀ ମାନଙ୍କୁ ପ୍ରସ୍ତୁତ କରୁଛନ୍ତି ତେଣୁ ଆମର ମଧ୍ୟ ଏ କର୍ତବ୍ୟ ହେବା ଉଚିତ ଯେ, ଆମେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବା । ଜର୍ମାନୀ ଦେଶକୁ ଆସନ୍ତା ବର୍ଷଗୁଡ଼ିକରେ ପୁଣିଥରେ ଏହି ଅଧିକାର ହାସିଲ ହେଉଅଛି ଯେ, ଆମେ United Nation's Human Rights council ରେ ସାମିଲ ହେବୁ । କିଛି ଦିନ ପୂର୍ବେ ହିଁ ଏହାର ଚୟନ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଅଛି । ବିଗତ ବର୍ଷଗୁଡ଼ିକରେ ଏହି କ୍ଷେତ୍ରରେ ଜର୍ମାନୀକୁ ବହୁତ ସମ୍ମାନ ହାସିଲ ହୋଇଛି ଏବଂ ଆମକୁ ହ୍ୟୁମାନ୍ ରାଇଟ୍‌ସ ସମ୍ବନ୍ଧରେ ପଚରା ଯାଇଥାଏ । ତେଣୁ ମୁଁ ଅହେମଦିୟା ମୁସ୍‌ଲିମ୍ ଯମାତ୍ ସହିତ ଏ ଚୁକ୍ତି କରିବାକୁ ଚାହୁଁଛି ଯେ, ଆମେମାନେ ନିଶ୍ଚିତ ରୂପେ ଏହି ପ୍ଲାଟଫର୍ମରେ ଧର୍ମୀୟ ସ୍ୱାଧୀନତା ସମ୍ବନ୍ଧରେ ଚର୍ଚ୍ଚା କରିବା ଓ ବିଶେଷ ରୂପେ ଯମାତ୍ ଅହେମଦୀୟା ସନ୍ଦର୍ଭରେ ମଧ୍ୟ ଏକଥାର ଚର୍ଚ୍ଚା କରିବା । ଅବସ୍ୟ ଏହା ଦ୍ୱାରା ସବୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan